


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୭୫ ଭୁବନେଶ୍ୱର ରବିବାର, ମାର୍ଚ୍ଚ ୦୯.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.175 Bhubaneswar, Sunday, March 09, 2025


# ମିଳିଲା ସୁଭଦ୍ରାର ଦ୍ୱିତୀୟ କିସ୍ତି




ଭୁବନେଶ୍ୱର,୮/୩: ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଗଂଜାମ ଜିଲ୍ଲାର ବ୍ରହ୍ମପୁର ସହରର ଆମ୍ବପୁଆ ଠାରେ ରାଜ୍ୟର ୧ କୋଟି ୬୪ ହଜାର ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ୫୧ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୯ ମାସର ଆମର ନୂଆ ସରକାର ଆଜି ରାଜ୍ୟର ୧ କୋଟିରୁ ଅଧିକ ମା'ଙ୍କ ପାଇଁ ଆର୍ଥିକ ସ୍ୱାଧୀନତାର ରାସ୍ତା ଖୋଲି ପାରିଛି । ସବୁ ମା'ଙ୍କୁ ୨ଟି କିସ୍ତିରେ ୧୦ ହଜାର ଟଙ୍କା ଲେଖାଏଁ ମିଳିଲା। ସେ ଦୃଷ୍ଟିରୁ, ମୁଖ୍ୟମନ୍ତ୍ରୀ ଭାବେ ଆଜି ଦିନଟି ମୋ ପାଇଁ ସବୁଠାରୁ ସନ୍ତୋଷର ଦିନ ଓ ସବୁଠାରୁ ଗୌରବର ଦିନ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଙ୍କୁ ସମାଲୋଚନା କରି କହିଛନ୍ତିଯେ, ଯେଉଁମାନେ ପଚାରୁଛନ୍ତି ଯେ ଆମ ସରକାର ୯ ମାସରେ କ'ଣ କରିଛି, ସେମାନଙ୍କୁ କୁହନ୍ତୁ ଯେ ୨୪ ବର୍ଷରେ ଯେଉଁ ସରକାର ମହିଳାଙ୍କ ପାଇଁ କେବଳ ସ୍ଲୋଗାନ ଦେଉଥିଲେ, ମୋହନ ସରକାର କ୍ଷମତାକୁ ଆସିବାର ମାତ୍ର ୨୪ ମିନିଟ ମଧ୍ୟରେ ଐତିହାସିକ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ଖୁସିର ବିଷୟ ଯେ ତିନିମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ କରି ଆଜି ୯ ମାସ ମଧ୍ୟରେ ଏକ କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି। ସେ ଆହୁରି ମଧ କହିଥିଲେଯେ, ଆମର ନିନ୍ଦୁକମାନେ ଭୁଲି ଯାଇଛନ୍ତି ଯେ ଶିଶୁଟିଏ ଜନ୍ମ ହେବାକୁ ମଧ ମା' ଗର୍ଭରେ ୯ ମାସ ବିତେଇବାକୁ ପଡିଥାଏ। ଆମ ସରକାରର ୯ ମାସ ପୂରଣ କରିବାକୁ ଆହୁରି ଚାରିଦିନ ବାକି ଅଛି। କିନ୍ତୁ, ଏହି ସ୍ୱଳ୍ପ ସମୟ ଭିତରେ ଆମେ ଓଡିଶାର ଜନସାଧାରଣଙ୍କ ପାଇଁ ଯେଉଁ କାର୍ଯ୍ୟ କରି ପାରିଛୁ, ତାହା ସେମାନେ ପ୍ରକୃତରେ ବିଶ୍ୱାସ କରିପାରୁ ନାହାନ୍ତି। ସେମାନେ ବିଶ୍ୱାସ କରି ପାରୁନାହାନ୍ତି ଯେ ଚାଷୀଙ୍କୁ ୨୪ ବର୍ଷ ରେ ଗଞ୍ଚ ଠାରୁ କିଛି ଅଧିକ ଟଙ୍କା ଦେଇ ପାରିଲେ ନାହିଁ , କିନ୍ତୁ ଏ ନୂଆ ସରକାର କିପରି ଭାବେ ୨୪ ମିନିଟରେ କୁଇଣ୍ଟାଲ ପିଛା ୧୦୦ ନୁହେଁ, ୮୦୦ ଟଙ୍କା ଦେବା ପାଇଁ ନିଷ୍ପତ୍ତି ନେଇଗଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଜବାବ ରଖି କହିଥିଲେଯେ, ୨୪ ବର୍ଷ ଧରି ଆପଣ ଯାହା କରିବାକୁ ଚିନ୍ତା କରିପାରି ନ ଥିଲେ ଆମେ ତାକୁ କାର୍ଯ୍ୟରେ ପରିଣତ କରିଛୁ। ଗରିବ ପରିବାରଙ୍କ କନ୍ୟା ସନ୍ତାନ ବିବାହ ଏବଂ ରାଜ୍ୟର ଗରିବ ଜନସାଧାରଣଙ୍କୁ ନିଃଶୁଳ୍କ ଜଗନ୍ନାଥ ଦର୍ଶନ କରାଇବାର ନିଷ୍ପତ୍ତି ମଧ ଆମେ ନେଇଛୁ। ସେ ପୁଣି କହିଥିଲେ, ଏହି କାର୍ଯ୍ୟକ୍ରମ ଆଜି ଏକ ବିପ୍ଳବରେ ପରିଣତ ହୋଇଛି, ସୁଭଦ୍ରା ବିପ୍ଳବ। କାରଣ ସୁଭଦ୍ରା ଯୋଜନା କେବଳ ବର୍ଷକୁ ଦୁଇଥର ସହାୟତା ବାଣ୍ଟିବା କାର୍ଯ୍ୟକ୍ରମ ନୁହେଁ। ସୁଭଦ୍ରା ଯୋଜନା ଏକ ବ୍ୟାପକ ଅଭିଯାନର ରୂପ ନେବାକୁ ଯାଉଛି। କିଶୋରୀ ମାନଙ୍କଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ବୟସର ମହିଳାମାନେ ସଶକ୍ତ ଏବଂ ସମୃଦ୍ଧ ହୋଇପାରିବାର ବ୍ୟବସ୍ଥା କରାଯାଉଛି। ଏହା ରାଜ୍ୟର ପ୍ରତ୍ୟେକ ସୁଭଦ୍ରାଙ୍କ ମନରେ ଏକ ନୂତନ ଆଶା ଓ ବିଶ୍ୱାସର ସଂଚାର କରିବ। ମହିଳାଙ୍କ ବିରୁଦ୍ଧରେ ହିଂସା ଏବଂ ଅସଦାଚରଣ କରୁଥିବା ବ୍ୟକ୍ତିଙ୍କ ପାଇଁ କଡା ବାର୍ତ୍ତା ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ମହିଳାଙ୍କ ବିରୁଦ୍ଧରେ ହିଂସାରେ ଲିପ୍ତ ବ୍ୟକ୍ତି ସରକାର, ବିଶେଷଭାବେ ବ୍ୟକ୍ତିଗତ ଭାବେ ମୋ ପାଇଁ କେବଳ ଜଣେ ଜଣେ ଅପରାଧୀ, ଏବଂ ଏହିପରି ଅପରାଧୀଙ୍କ ସ୍ଥାନ ଜେଲର ଚାରିକାନ୍ଥ ମଧ୍ୟରେ, ସଭ୍ୟ ସମାଜରେ ତାଙ୍କର କୌଣସି ସ୍ଥାନ ନାହିଁ। ଏହାକୁ କଡାକଡି ଭାବେ ପାଳନ କରିବା ପାଇଁ ମୁଁ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇସାରିଛି। ସେ ପୁଣି କହିଥିଲେଯେ, ମହିଳା ମାନଙ୍କୁ ଲକ୍ଷପତି କରାଇବା ପାଇଁ 'ଲକ୍ଷପତି ଦିଦି' ଯୋଜନା ଆରମ୍ଭ ହୋଇଛି । ସାରା ଦେଶରେ ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି । ଆମ ରାଜ୍ୟ ଲକ୍ଷପତି ଦିଦି ଯୋଜନାକୁ କାର୍ଯ୍ୟକାରୀ କରି ସମଗ୍ର ଭାରତବର୍ଷରେ ଦ୍ୱିତୀୟ ସ୍ଥାନ ହାସଲ କରିଛି; ବର୍ତ୍ତମାନ ସୁଦ୍ଧା ୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ସାରିଲୁଣି । ଓଡିଶାରେ ଆମେ ୨୦୨୭ ସୁଦ୍ଧା ଅତି କମ୍ ରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାର କାର୍ଯ୍ୟକ୍ରମ ଜାରି ରଖିଛୁ । ବିଗତ ୨୪ ବର୍ଷରେ ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନରେ ରହିଯାଇଥିଲା। କିନ୍ତୁ, ଆମ ସରକାର ମହିଳାଙ୍କୁ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସ୍ତରରେ ସଶକ୍ତ କରିବା ପାଇଁ ଶପଥ ନେଇ ବିଭିନ୍ନ କାର୍ଯ୍ୟ ଓ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାରେ ୬୩୮ କୋଟିରୁ ଅଧିକ ଟଙ୍କାର ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିରେ ୪୯୩ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିବା ବେଳେ ୧୪୫ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି । ସୂଚନା ଥାଉକି, ଏଥିରେ ଅନେକ ଜଳଯୋଗାଣ ପ୍ରକଳ୍ପ, ସଡ଼କ ଉନ୍ନତିକରଣ, ସେତୁ ନିର୍ମାଣ, ଚେକ୍ ? ଡ୍ୟାମ୍ ? ପ୍ରକଳ୍ପ, ସ୍ୱାସ୍ଥ୍ୟସେବା କେନ୍ଦ୍ର ସ୍ଥାପନ, ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ପ୍ରକଳ୍ପ ଆଦି ପ୍ରକଳ୍ପ ରହିଛି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେଯେ ସୁଭଦ୍ରା ଆଜି ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ପାଖରେ ପହଂଚିଛି। କଥା ଦେଇ ଆମ ସରକାର ଆଜି କଥା ରଖିଛନ୍ତି। ୮ ମାସ ମଧ୍ୟରେ ଏହି ଯେଉଁ ପ୍ରତିଶ୍ରୁତି ଆମେ ଦେଇଥିଲୁଯେ ମହିଳାଙ୍କୁ ସଶକ୍ତ କରିବୁ ଏବଂ ତାହା ଏହି ଭଳି ଭାବେ ଆଗକୁ ମଧ ଆମେ ପୂର୍ଣ୍ଣ କରିବୁ । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ, ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବାଣିଜ୍ୟ, ପରିବହନ ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ଶ୍ରୀ ପ୍ରଦୀପ ପାଣିଗ୍ରାହୀ, ଆସିକା ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶିନୀ ଓ ଗଂଜାମ ଜିଲ୍ଲାର ସମସ୍ତ ବିଧାୟକ ମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହିଳା ଏବଂ ଶିଶୁବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ, ଗଂଜାମ ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡା ଧନ୍ୟବାଦ ଦେଇଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସରେ ମୋହନ-ନବୀନ ମୁହାଁମୁହିଁ



ଭୁବନେଶ୍ୱର,୮/୩: ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିଥିବା ବେଳେ, ଭୁବନେଶ୍ୱରର ବିଜୁ ଜନତା ଦଳ (ବିଜେଡି)ର ମୁଖ୍ୟାଳୟ ଶଙ୍ଖ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନବୀନ ଭାରତୀୟ ଜନତା ପାର୍ଟି (ବିଜେପି) ସରକାରଙ୍କ ଉପରେ ବର୍ଷିଥିଲେ। ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରି ବିଜେଡି ସଭାପତି କହିଛନ୍ତି ଯେଉଁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପଞ୍ଚାୟତରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ କରି ମା'ମାନଙ୍କୁ ରାଜନୈତିକ ଭାବରେ ସଶକ୍ତ କରିବା ପାଇଁ ଐତିହାସିକ ପଦକ୍ଷେପ ନେଇଥିଲେ। ବିଜୁ ବାବୁ ସରକାରୀ ଚାକିରିରେ ମଧ ମହିଳାମାନଙ୍କ ପାଇଁ ସଂରକ୍ଷଣ ଦେଇଥିଲେ ଏବଂ ତାଙ୍କ ପଦକ୍ଷେପ ଯୋଗୁ ମହିଳାମାନେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ପାରୁଛନ୍ତି ବୋଲି ସେ କହିଛନ୍ତି। ତଥାପି, ଡବଲ-ଇଞ୍ଜିନ୍ ସରକାର ବିଜୁ ବାବୁଙ୍କୁ ଅପମାନିତ କରିଛି, ଯିଏ ପଞ୍ଚାୟତିରାଜ ସଂସ୍ଥାକୁ ମଜବୁତ କରିଥିଲେ ଏବଂ ମହିଳାଙ୍କ ଅଧିକାର ପାଇଁ ଐତିହାସିକ ପଦକ୍ଷେପ ନେଇଥିଲେ ବୋଲି ନବୀନ ଅଭିଯୋଗ କରିଛନ୍ତି। ସେ କହିଥିଲେ, ବିଜୁ ବାବୁଙ୍କ ଉଦାହରଣ ଅନୁସରଣ କରି ବିଜେଡି ସରକାର ପଞ୍ଚାୟତିରାଜ ପ୍ରତିଷ୍ଠାନରେ ମହିଳାଙ୍କ ପ୍ରତିନିଧିତ୍ୱ ବୃଦ୍ଧି କରିଛି। ମାତ୍ର ବିଜେପି ସରକାର ମିଶନ ଶକ୍ତି କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ଚେଷ୍ଟା କରୁଛି ଏବଂ ସ୍ୱାଭିମାନୀ ମହିଳାଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛି। ବିଜେପି ସରକାର ପ୍ରଚାର ପାଇଁ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରୁଥିବା ଅଭିଯୋଗ କରି ନବୀନ କହିଛନ୍ତି, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ପ୍ରତିଦିନ ମାତ୍ର ୨୭ ଟଙ୍କା ଦିଆଯାଉଛି।ସୁଭଦ୍ରା ଯୋଜନାରୁ ମା'ମାନେ ଶେଷରେ କୌଣସି ଲାଭ ପାଇବେ ନାହିଁ ବୋଲି କହି, ସେ ବିଜେଡିର ମହିଳା କର୍ମୀମାନଙ୍କୁ ମା'ମାନଙ୍କୁ ଭୁଲ୍ ବାଟରେ ବୁଲାଇବା ପାଇଁ କରାଯାଉଥିବା ପ୍ରୟାସକୁ ବିରୋଧ କରିବାକୁ ଆହ୍ୱାନ କରିଥିଲେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି ଯେ, ସୁଭଦ୍ରା ଯୋଜନା ଅଧୀନରେ ଦ୍ୱିତୀୟ କିସ୍ତି ଆର୍ଥିକ ସହାୟତା ପ୍ରଦାନ ମହିଳା ଦିବସରେ ମହିଳାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପହାର। ୧.୬୪ କୋଟି ମହିଳା ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପାଇଥିବା ଉଲ୍ଲେଖ କରି, ସେ ପୂର୍ବ ବିଜେଡି ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଛନ୍ତି, ବିଜେଡି ୨୪ ବର୍ଷରୁ ଅଧିକ ସମୟ ଧରି କ୍ଷମତାରେ ଥିଲା ଏବଂ ୯ ମାସର ବିଜେପି ସରକାରକୁ ସମାଲୋଚନା କରୁଛି। ମହିଳାମାନଙ୍କ ପାଇଁ କ'ଣ କରାଯାଇଛି ବୋଲି ପଚାରୁଛି। ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବାର ନିଷ୍ପତ୍ତି ଆମ ସରକାର ୨୪ ମିନିଟରେ ନେଇଥିଲେ। ଗତ ୯ ମାସରେ ୧ କୋଟିରୁ ଅଧିକ ମହିଳା ସଶକ୍ତ ହୋଇଥିବା, ମୁଖ୍ୟମନ୍ତ୍ରୀ କହିଛନ୍ତି। ପୂର୍ବ ବିଜେଡି ଶାସନ ଉପରେ କଡ଼ା ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ନବୀନ ପଟ୍ଟନାୟକ ସରକାର କେବଳ ସ୍ଲୋଗାନରେ ସୀମିତ ରହିଥିବାବେଳେ ବିଜେପି ମାତ୍ର ୯ ମାସ ମଧ୍ୟରେ ଏକ କୋଟିରୁ ଅଧିକ ମହିଳାଙ୍କ ନିକଟରେ ପହଞ୍ଚିଛି। ଆମ ସରକାର ଏକ ଅଧିକ ଅନ୍ତର୍ଭୁକ୍ତ, ସମାନ ଏବଂ ପ୍ରଗତିଶୀଳ ସମାଜ ଗଠନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଯେଉଁଠାରେ ପ୍ରତ୍ୟେକ ମହିଳା ସ୍ୱପ୍ନ ଦେଖିପାରିବେ, ହାସଲ କରିପାରିବେ ଏବଂ ନେତୃତ୍ୱ ନେଇପାରିବେ। ମହିଳାମାନେ ଆମ ସମାଜର ମେରୁଦଣ୍ଡ, ଯେଉଁମାନେ ସେମାନଙ୍କର ଶକ୍ତି, ଜ୍ଞାନ ଏବଂ ଦୃଢ଼ ସଂକଳ୍ପ ସହିତ ଆମର ଭବିଷ୍ୟତକୁ ଗଢ଼ି ତୋଳିବେ। ଆନ୍ତର୍ଜାତୀୟ ମହିଳା ଦିବସରେ, ଆସନ୍ତୁ ଓଡ଼ିଶା ଏବଂ ଓଡ଼ିଶା ବାହାରେ ମହିଳାମାନଙ୍କର ଅଟଳ ମନୋଭାବ, ସ୍ଥିରତା ଏବଂ ସଫଳତାକୁ ପାଳନ କରିବା। ଆସନ୍ତୁ ଆମେ ସମସ୍ତେ ଏକ ଅଧିକ ଅନ୍ତର୍ଭୁକ୍ତ, ସମାନ ଏବଂ ପ୍ରଗତିଶୀଳ ସମାଜ ଗଠନ କରିବାକୁ ପ୍ରତିଜ୍ଞା କରିବା ଯେଉଁଠାରେ ପ୍ରତ୍ୟେକ ମହିଳା ସ୍ୱପ୍ନ ଦେଖିପାରିବେ, ହାସଲ କରିପାରିବେ ଏବଂ ନେତୃତ୍ୱ ନେଇପାରିବେ ବୋଲି ସୋସିଆଲ ମିଡିଆ ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରର ଏକ ପୋଷ୍ଟରେ କହିଛନ୍ତି। ବିଜେଡି ଉପରେ କଟାକ୍ଷ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କ ଶାସନ ୨୪ ବର୍ଷ ଧରି ଯାହା ଭାବିପାରି ନଥିଲେ, ବିଜେପି ସରକାର ତାହା କରି ଦେଖାଇଛି। ଆମେ ଗରିବ ପରିବାରର ଝିଅମାନଙ୍କ ବିବାହ ବ୍ୟବସ୍ଥା କରିବାକୁ ଏବଂ ରାଜ୍ୟର ଗରିବ ଲୋକଙ୍କୁ ମାଗଣାରେ ଜଗନ୍ନାଥ ଦର୍ଶନ ଯୋଗାଇବାକୁ ନିଷ୍ପତ୍ତି ନେଇଛୁ। ସୁଭଦ୍ରା କାର୍ଯ୍ୟକ୍ରମ ଆଜି ଏକ ବିପ୍ଳବରେ ପରିଣତ ହୋଇଛି। ଏହା ସୁଭଦ୍ରା ବିପ୍ଳବ ପାଲଟିଛି। କାରଣ ସୁଭଦ୍ରା ଯୋଜନା କେବଳ ବର୍ଷକୁ ଦୁଇଥର ସହାୟତା ବଣ୍ଟନ କରିବାର ଏକ କାର୍ଯ୍ୟକ୍ରମ ନୁହେଁ। ସୁଭଦ୍ରା ଯୋଜନା ଏକ ବ୍ୟାପକ ଅଭିଯାନର ରୂପ ନେବାକୁ ଯାଉଛି। କିଶୋରୀ ଝିଅମାନଙ୍କଠାରୁ ଆରମ୍ଭ କରି, ବିଭିନ୍ନ ବୟସର ମହିଳାମାନଙ୍କୁ ସଶକ୍ତ ଏବଂ ସମୃଦ୍ଧ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଏହା ରାଜ୍ୟର ପ୍ରତ୍ୟେକ ସୁଭଦ୍ରାଙ୍କ ମନରେ ଏକ ନୂତନ ଆଶା ଏବଂ ବିଶ୍ୱାସ ସୃଷ୍ଟି କରିବ।

## ମହିଳା ସମୃଦ୍ଧି ଯୋଜନାକୁ ଦିଲ୍ଲୀ ସରକାରଙ୍କ ମଂଜୁରୀ

### ମହିଳାଙ୍କୁ ମାସକୁ ମିଳିବ ୨୫୦୦ ଟଙ୍କା



ନୂଆଦିଲ୍ଲୀ,୮/୩: ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦିଲ୍ଲୀର ମହିଳାମାନଙ୍କୁ ଉପହାର ଦେଇଛନ୍ତି ବିଜେପି ସରକାର । ନିର୍ବାଚନ ପ୍ରତିଶ୍ରୁତି ମୁତାବକ ରାଜ୍ୟ ସରକାର ମହିଳା ସମୃଦ୍ଧି ଯୋଜନାକୁ ଅନୁମୋଦନ କରିଛନ୍ତି। ଏହି ଯୋଜନା ଅନୁସାରେ ମହିଳାମାନଙ୍କୁ ମାସକୁ ୨୫୦୦ ଟଙ୍କା ମିଳିବ । ବିଜେପି ପକ୍ଷରୁ ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ସିଏମ ରେଖା ଗୁପ୍ତା, ଦିଲ୍ଲୀ ରାଜ୍ୟ ସଭାପତି ବୀରେନ୍ଦ୍ର ସଚଦେବ, ବୈଜୟନ୍ତ ପଣ୍ଡା, ମହିଳା ଶାଖା ସଭାପତି ବନତୀ ଶ୍ରୀନିବାସନ ଏବଂ ସାଂସଦ କମଲଜିତ୍ ସହରାୱତ ଯୋଗ ଦେଇଥିଲେ। ଏହି ବୈଠକରେ ମହିଳା ସମୃଦ୍ଧି ଯୋଜନା ସମ୍ପର୍କରେ ଏକ ବଡ଼ ଘୋଷଣା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ମହିଳା ସମୃଦ୍ଧି ଯୋଜନାକୁ ଅନୁମୋଦନ ମିଳିଛି। ମହିଳା ସମୃଦ୍ଧି ଯୋଜନା ସମ୍ପର୍କରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ ଖୁବ୍ ଶୀଘ୍ର ମାନଦଣ୍ଡ ଏବଂ ପୋର୍ଟାଲ ଆରମ୍ଭ କରାଯିବ, ଯେଉଁଥିରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ।

## ଅନ୍ତର୍ଜାତୀୟ ମହିଳା ଦିବସକୁ କଳା ଦିବସ ଭାବେ ପାଳନ କଲା ରାଜ୍ୟ କଂଗ୍ରେସ



ଭୁବନେଶ୍ୱର, ୮/୩: ଅନ୍ତର୍ଜାତୀୟ ମହିଳା ଦିବସକୁ ମୁହଁରେ କଳା କପଡା ବାନ୍ଧି କଳା ଦିବସ ଭାବେ ପାଳନ କରୁଛି ରାଜ୍ୟ କଂଗ୍ରେସ। ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଉଥିବା ବେଳେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ପ୍ରତିବାଦରେ ମହିଳା ଦିବସକୁ କଳା ଦିବସ ଭାବେ ପାଳନ କରାଯାଉଛି। ମହିଳାଙ୍କ ସୁରକ୍ଷା ଓ ସେମାନଙ୍କ ସାମାଜିକ ସ୍ଥିତିରେ ବିକାଶ ପାଇଁ ପ୍ରତିଶୃତି ଦେଇଥିବା ବିଜେପି ସରକାରର କାର୍ଯ୍ୟକ୍ରମରେ ତାହା ପ୍ରଫଳିତ ହେଉନାହିଁ । ବଡ଼ ବଡ଼ ଘୋଷଣା କରିଥିବା ଡବଲ ଇଞ୍ଜିନ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ଫେଲ୍ ମାରିଛି। ଏହାର ପ୍ରତିବାଦରେ କଂଗ୍ରେସ ଭବନଠାରେ ମହିଳା ଦିବସକୁ କଳା ଦିବସ ଭାବେ ପାଳନ କରାଯାଉଛି।

## କ୍ୟାମ୍ପସ ନିଯୁକ୍ତିରେ ଓୟୁଟିଆର ଆଗୁଆ



ଭୁବନେଶ୍ୱର,୮/୩: ସରକାରୀ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଯାନ୍ତ୍ରିକ ମହାବିଦ୍ୟାଳୟ ମଧ୍ୟରୁ ଭୁବନେଶ୍ୱର ଠାରେ ଥିବା ଓୟୁଟିଆରର କ୍ୟାମ୍ପସ୍ ନିଯୁକ୍ତ ହାର ସର୍ବାଧିକ ରହିଛି । ଏଠାରେ ଶେଷ ବର୍ଷରେ ଅଧ୍ୟୟନ କରୁଥିବା ୭୧ ପ୍ରତିଶତ ଛାତ୍ରଛାତ୍ରୀ ନିଯୁକ୍ତି ସୁଯୋଗ ପାଇଛନ୍ତି । ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଓୟୁଟିଆରରେ ସର୍ବାଧିକ କ୍ୟାମ୍ପସ ନିଯୁକ୍ତି ସୁଯୋଗ ଥିବାବେଳେ ସରାଙ୍ଗ ସ୍ଥିତ ଆଇଜିଆଇଟିରେ ୬୫ ପ୍ରତିଶତ, ବୁର୍ଲା ଭିସୁଟ୍ ?ରେ ୬୦.୨୨ ପ୍ରତିଶତ, କେନ୍ଦୁଝରର ଜିଇସିରେ ୫୬.୫୬ ପ୍ରତିଶତ, କଳାହାଣ୍ଡି ଜିଇସିରେ ୫୩.୬୯ ପ୍ରତିଶତ ଏବଂ ବ୍ରହ୍ମପୁର ସ୍ଥିତ ପିଏମ୍‌ଇସିରେ ଏହା ୪୧.୧୦ ପ୍ରତିଶତ ରହିଛି । ସେହଭଳି ୨୦୨୩-୨୪ ଶିକ୍ଷାବର୍ଷରେ ୩୫ଟି ସରକାରୀ ପଲିଟେକ୍‌ନିକ୍‌ରେ କ୍ୟାମ୍ପସ ନିଯୁକ୍ତି ସୁଯୋଗ ହାର ୫୪.୪୮ ପ୍ରତିଶତ ଥିବାବେଳେ ୭୨ଟି ସରକାରୀ ଆଇଟିଆଇରେ ଏହିହାର ୩୬.୪୧ ପ୍ରତିଶତ ରହିଛି । ସେହିଭଳି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଦକ୍ଷତା ବିକାଶ ଓ ବୈଠକ ବିଭାଗ ଅଧିନରେ ୩ଟି ସରକାରୀ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ, ୪ଟିସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଏବଂ ୨୫ଟି ସରକାରୀ ଯନ୍ତ୍ରିକ ବିଦ୍ୟାଳୟ ରହିଛି ।

# ବେଆଇନ ଖଣି ଉପରେ ଚଢ଼ଉ ହେବ

## ସମସ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଲେ ସରକାର



ଭୁବନେଶ୍ୱର,୮/୩: ରାଜ୍ୟରେ ବେଆଇନ ଖଣି ଖନନ ଓ ପରିବହନ ରୋକିବାକୁ ପ୍ରବର୍ତ୍ତନ ଅଭିଯାନକୁ ବ୍ୟାପକ କରିବାକୁ ସବୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାସ୍ତରୀୟ ପଦାଧିକାରୀ ଓ କର୍ମଚାରୀଙ୍କ ସହଯୋଗରେ ବେଆଇନ ବାଲି ଓ ପଥର ଖାଦାନରେ ଚଢ଼ଉ କରିବା, ଉତ୍ସ ସ୍ଥଳରେ ବେଆଇନ ଖଣି ଖନନ ଉପରେ ରୋକ୍ ଲଗାଇବା ଓ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରିବେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବୈଠକରେ କୁହାଯାଇଛି ଯେ ଇ-ଟ୍ରାଞ୍ଜିଟ୍ ପାସ୍ ବିନା ବେଆଇନ ଖଣିଜ ପଦାର୍ଥ ପରିବହନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉପଖଣ୍ଡସ୍ତରୀୟ ଟିମ୍, ରାଜସ୍ୱ, ଖଣି, ପୁଲିସ ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ନେଇ ଗଠିତ ତହସିଲସ୍ତରୀୟ ଟିମ୍ ପ୍ରବର୍ତ୍ତନ କାର୍ଯ୍ୟ କରିବେ। ଜିଲ୍ଲାପାଳମାନେ ବାଲି, କଳାପଥର ଆଦିର ନୂତନ ଉତ୍ସଗୁଡ଼ିକର ସର୍ଭେ କରିବେ। ପ୍ରତ୍ୟେକ ଜିଲ୍ଲାକୁ ସେମାନଙ୍କର ବର୍ତ୍ତମାନର ଉତ୍ସର ୧୫୦ଗୁଣ ନୂତନ ଉତ୍ସ ଚିହ୍ନଟ କରିବାକୁ ପରାମର୍ଶ ଦିଆଯାଇଛି। ଗତବର୍ଷ ନଭେମ୍ବର-ଡିସେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ୫୯ତମ ଡିଜିପି-ଆଇଜିପି ସମ୍ମିଳନୀରେ ପ୍ରସ୍ତାବିତ ୧୦୮ଟି ବିଭିନ୍ନ ପ୍ରସ୍ତାବର କାର୍ଯ୍ୟକାରିତା ସଂପର୍କରେ ବିସ୍ତୃତଭାବେ ଆଲୋଚନା ହୋଇଥିଲା। ବିକଶିତ ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ରମ, ଅର୍ଥନୈତିକ ସର୍ଭେ ୨୦୨୪-୨୫ ବିବରଣୀ, କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକାରିତା ତଥା ରାଜ୍ୟ ସମୃଦ୍ଧି ପାଇଁ ପ୍ରଶାସନିକ ବ୍ୟବସ୍ଥା, ଉଦ୍ୟୋଗ, ନିଯୁକ୍ତି ଓ ଦକ୍ଷତାକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। 'ମିସନ କର୍ମଯୋଗୀ' ଅଧୀନରେ ଆଇ-ଜିଓଟି ପ୍ଲାଟଫର୍ମରେ କର୍ମଚାରୀଙ୍କ ପ୍ରଶିକ୍ଷଣ ଅଗ୍ରଗତି ସଂପର୍କରେ ମଧ ଆଲୋଚନା ହୋଇଛି। ସେହିପରି ରାଜ୍ୟରେ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସଂପର୍କରେ ମଧ ଆଲୋଚନା ହୋଇଥିଲା। ରାଜ୍ୟରେ ୨ହଜାର ଟ୍ରାଫିକ କର୍ମଚାରୀ ପଦବି ସୃଷ୍ଟି, ନାଗରିକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦ଟି ନୂଆ ସାଇବର ଥାନା ଗଠନ ଓ ବର୍ତ୍ତମାନର ୧୪ଟି ସାଇବର ଥାନାର ଉନ୍ନତୀକରଣ ହେବ। ମାଓବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ଓ ସମ୍ଭାବ୍ୟ ଅନୁପ୍ରବେଶ ରୋକିବା ପାଇଁ ସଂପୃକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଆଧୁନିକ ଜ୍ଞାନ କୌଶଳ ଓ ବୁଦ୍ଧିମତ୍ତାର ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଇଛି। ଗଞ୍ଜେଇ ଚୋରା ଚାଲାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମେତ ବ୍ୟାପକ ଗଞ୍ଜେଇ ଚାଷ ନଷ୍ଟ ସହ ପ୍ରଶାସନ ଓ ଅନ୍ୟ ନିର୍ବାଚିତ ପ୍ରତିନିଧିଙ୍କ ମିଳିତ ଉଦ୍ୟମରେ ଜନସାଧାରଣଙ୍କ ଭିତରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ, ଆଇନ ବିଭାଗର ପ୍ରମୁଖ ସଚିବ ମାନସ ରଂଜନ ବାରିକ, ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ରେଞ୍ଜର ଆଇଜି ଓ ଡିଆଇଜିମାନେ ଆଭାସୀ ଜରିଆରେ ବୈଠକରେ ଯୋଗ ଦେଇଥିଲେ।

# ପୁଣି ନକ୍ସଲଙ୍କ ବର୍ବର କାଣ୍ଡ: ପୂର୍ବତନ ବିଧାୟକଙ୍କ ଶ୍ୱଶୁରଙ୍କୁ ଗଳାକାଟି ହତ୍ୟା

ମାଲକାନଗିରି ୮/୩(ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟର ସୁକୁମା ଜିଲ୍ଲାରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି। ପୂର୍ବତନ ବିଧାୟକ ମନିଷ କୁଞ୍ଜାମଙ୍କ ସାନ ଶଶୁର କମଲୁ ହିଡମାଙ୍କୁ ମାଓବାଦୀ ମାନେ ଗଳା କାଟି ହତ୍ୟା କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଚିନ୍ତାଗୁମ୍ଫା ଥାନା ଅନ୍ତର୍ଗତ ପେଣ୍ଡାପାଡ ଗାଁରେ ଗତକାଲି ରାତିରେ ନିଜ ଘରେ ୬୫ ବର୍ଷୀୟ ବୃଦ୍ଧ କମଲୁ ଶୋଇଥିବା ବେଳେ ୨୦ ରୁ ୨୫ ଜଣ ସଶସ୍ତ୍ର ମାଓବାଦୀ ତାଙ୍କ ଘରେ ପଶି ଯାଇଥିଲେ।କମଲୁ ହିଡିମାଙ୍କୁ ଉଠାଇ ନେଇ ଘର ବାହାରକୁ ଆଣି ଆଖିବୁଜା ଠେଙ୍ଗାରେ ପିଟିଥିଲେ।ଏହା ପରେ ନକ୍ସଲ ସଂଗଠନ ବିରୁଦ୍ଧରେ ଲୋକମାନଙ୍କୁ ଉସକାଇବା ଏବଂ ପୁଲିସକୁ ନକ୍ସଲ ସଂଗଠନର ଗତିବିଧି ସମ୍ପର୍କରେ ସୂଚନା ଦେବା ଅଭିଯୋଗ ତାଙ୍କ ଗଳାକାଟି ଅତି ନିର୍ମମ ଭାବେ ହତ୍ୟାକାଣ୍ଡ କରିଛନ୍ତି ନକ୍ସଲ। ଆଜି ସକାଳେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ



ସମ୍ପର୍କରେ ପୁଲିସ ସୂଚନା ପାଇବା ପରେ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ତେବେ ଏ ସମ୍ପର୍କରେ ମୃତକଙ୍କ ଜ୍ୱାଇଁ ତଥା ପୂର୍ବତନ ବିଧାୟକ ମନୀଷ କୁଞ୍ଜାମଙ୍କୁ ପଚାରିବାରୁ ମୋ ଶ୍ୱଶୁର ଜଣେ ଅତି ସରଳ ଲୋକ ଥିଲେ। ଯେଉଁମାନେ ଏଭଳି ହତ୍ୟାକାଣ୍ଡ ଘଟାଇଛନ୍ତି,ସେ ଭାବିବା ଦରକାର ଯେ ଯାହାକୁ ହତ୍ୟା କରୁଛନ୍ତି ତାଙ୍କ ବିଷୟରେ ପ୍ରଥମେ ଯାଞ୍ଚ କରନ୍ତୁ। ତାପରେ ଯେ କୌଣସି କଠୋର ପଦକ୍ଷେପ ଉଠାନ୍ତୁ।ମୋ ଶ୍ୱଶୁରଙ୍କ ନାଁରେ ପୂର୍ବରୁ ଅନେକ ଥର ଏମିତି ଲୋକଙ୍କୁ ଉସକାଇବା ଏବଂ ପୁଲିସକୁ ଖବର ପ୍ରଦାନ କରିବା ଭଳି ଅଭିଯୋଗ ଆଣି ବିଫଳ ହୋଇଛନ୍ତି। ହେଲେ ନକ୍ସଲ ମାନେ ଯେଉଁଭଳି ନୀରିହ ଲୋକଙ୍କ ହତ୍ୟା କରୁଛନ୍ତି।ଏହା କୌଣସି ସୁସ୍ଥ ସମାଜ ପାଇଁ ଠିକ ନୁହେଁ। ହିଂସା କେବେ ମଧ୍ୟ କୌଣସି ସମାଧାନର ବାଟ ନୁହେଁ। ନକ୍ସଲପନ୍ଥିଙ୍କ ଏହିଭଳି କାର୍ଯ୍ୟକଳାପ ଯୋଗୁଁ ଜନ ସାଧାରଣଙ୍କ ମଧ୍ୟରେ ସେମାନଙ୍କ ପ୍ରତି ଘୃଣା ଭାବ ଆସିଯାଇଛି। ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ। ଏକ ସୁସ୍ଥ ଏବଂ ବିକଶିତ ସମାଜ ଗଠନରେ ସହାୟକ ହୁଅନ୍ତୁ ବୋଲି କହିଛନ୍ତି। ଅପରପକ୍ଷରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ୨୦୨୬ ମସିହା ମାର୍ଚ୍ଚ ସୁଦ୍ଧା ଦେଶରେ ନକ୍ସଲ ସମସ୍ୟାର ସମ୍ପୂର୍ଣ୍ଣ ଭାବେ ସମାଧାନ କରିବାକୁ ନିର୍ଦ୍ଦେଶ ଦେବା ପରେ ଦେଶର ସମସ୍ତ ନକ୍ସଲ ପ୍ରବଣ ଅଞ୍ଚଳରେ ନକ୍ସଲ ଦମନ ଅଭିଯାନକୁ ଜୋରଦାର କରାଯାଇଛି।

ସେହିପରି ସୁକୁମା ଜିଲ୍ଲାରେ ନକ୍ସଲପନ୍ଥିଙ୍କ ଦ୍ୱାରା ପୂର୍ବତନ ବିଧାୟକଙ୍କ ଶ୍ୱଶୁରଙ୍କୁ ଗଳାକାଟି ହତ୍ୟା କରିବା ପରେ ଚିନ୍ତାଗୁମ୍ଫା ଥାନା ଅନ୍ତର୍ଗତ ପେଣ୍ଡାପାଡ ଗାଁ ନିକଟସ୍ଥ ଜଙ୍ଗଲରେ କୁମ୍ବିଂ ଅପରେସନକୁ ପୁଲିସ ଦ୍ୱାରା ବଢାଇ ଦିଆଯାଇଛି।

# ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ବିରୋଧୀ ଦଳର ଦୁର୍ବଳ ସ୍ଥିତି !

ସୁକିନ୍ଦା/ଦାନଗଦି: ୮/୩(ନି.ପ୍ର): ଯାଜପୁର ଜିଲ୍ଲା ରେ ଥିବା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ଖଣି ଓ ଶିଳ୍ପ ପାଇଁ ସାରା ଓଡ଼ିଶା ରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ନିଜସ୍ୱ ସ୍ୱତନ୍ତ୍ର ସ୍ଥାନ ରହିଛି। ମାତ୍ର ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ଥିବା ରାଜନୈତିକ ପାଣିପାଗ ସଦାସର୍ବଦା ସରଗରମ ରହିଆସିଛି।ଗତ ନିର୍ବାଚନରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ବିଜେପି ବିଧାୟକଙ୍କ ବିଜୟୀ ହୋଇଥିବା ବେଳେ ବର୍ତମାନ ସୁଦ୍ଧା ସମଗ୍ର ନିର୍ବାଚନ ମଣ୍ଡଳୀ ରେ ବିରୋଧୀ ମୂଳପୋଛ ହୋଇଥିବା ପରି ପରିଲକ୍ଷିତ ହୋଇଛି। ସୁକିନ୍ଦା ନିର୍ବାଚନ ମଣ୍ଡଳୀ ବିଗତ ୩୦ ବର୍ଷ ହେବ ଘଡେଇ ପରିବାରଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ହର୍ତାକର୍ତା ସାଜିଥିଲେ । ଏହି କାରଣରୁ ସାଧାରଣ ଲୋକଙ୍କୁ କୌଣସି କଥା କୁ ବିରୋଧ କରିବା ପାଇଁ ସୁଯୋଗ ମିଳୁନଥିବାରୁ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ଲୋକ ମାନେ ଅଣନିଃଶ୍ୱାସୀ ହୋଇଯାଇଥିଲେ। ଯଦି କେହି ବି ଘଡେଇ ପରିବାର ବିରୁଦ୍ଧରେ ପ୍ରତିବାଦ କରୁଥିଲା ସେ ତାଙ୍କ ନାମ ନିଶାନ କୁ ସମ୍ପୂର୍ଣ୍ଣ ଭାବେ ଲୋପ କରିବା ପାଇଁ ପଛଘୁଞ୍ଚା ଦେଉନଥିଲେ। ଏହାର ଗୋଟିଏ ବଡ଼ ଉଦାହରଣ ୨୦୧୯ ମସିହାରେ ଦଳୀୟ ଟିକେଟ ରେ ଲଢେଇ କରିବା ପାଇଁ ଚେଷ୍ଟା କରୁଥିବା ୧୦ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ଯାହାଙ୍କୁ ଦଳରୁ ନିଲମ୍ବିତ କରିବା ପରେ ରାଜନୀତିରୁ ସନ୍ୟାସୀ ନେବାକୁ ପରୋକ୍ଷରେ ବାଧ କରିଥିବା କଥା ସାଧାରଣ ରେ ଆଲୋଚନା ହେଉଛି। ଏହି ପରି ଅନେକ ଉଦାହରଣ ଥିବା ବେଳେ ପୂର୍ବରୁ ଥିବା ସରକାର ତଥା ମନ୍ତ୍ରୀ ପ୍ରିତିରଞ୍ଜନ ଙ୍କ ଅତିଗର୍ବ କାରଣରୁ ଧିରେ ଧିରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ଥିବା ସାଧାରଣ ଭୋଟର ତାଙ୍କ ଠାରୁ ମୁହଁ ଫେରାର ନେଇଥିଲେ। ଯାହାର ସମ୍ପୁର୍ଣ୍ଣ ଫାଇଦା ଉଠାଇ ବା ସହିତ ନିଜର ନିଃସ୍ୱାର୍ଥପର ସେବା ଆୟୁଧ କରି ବର୍ତ୍ତମାନର ବିଜେପି ସରକାରଙ୍କ ମନ୍ତ୍ରୀ ତଥା ବିଧାୟକ ପ୍ରଦିପ ବଳସାମନ୍ତ ଆଜି ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ନିଜର ସୁଶାସନ କରିବା ପାଇଁ ଚେଷ୍ଟା କରୁଛନ୍ତି । ମାତ୍ର କିଛି ମାଫିଆ, ଅଣ ସୁକିନ୍ଦା ବାସୀ, ଆତ୍ମ ଘୋଷିତ ସମାଜସେବୀ, ଶ୍ରମିକ ନେତା ଓ ପରିବେଶବିତ୍‌ଙ୍କ ପାଇଁ ସମୟ ସମୟରେ ଅସୁବିଧା ସୃଷ୍ଟି କରିବା ସହିତ ବିଧାୟକଙ୍କ ଛବି କୁ ମଳିନ କରିବା ପାଇଁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି। ମାତ୍ର ଯେତେ ଯାହା କରିବା ପରେ ମଧ୍ୟ କୌଣସି ଫଳ ମିଳୁନାହିଁ ବିରୋଧୀଙ୍କୁ ବୋଲି ସାଧାରଣରେ ଆଲୋଚନା ହେଉଛି।ପୂର୍ବରୁ ଥିବା ବିଧାୟକ କଳିଙ୍ଗନଗର ରେ ଥିବା ସମସ୍ୟା କୁ ସରକାର ଥିବା ସମୟରେ ଧାନ ଦେଉନଥିଲେ କି ବିରୋଧୀ ଦଳରେ ରହିବା ପରେ ମଧ ଧାନ ଦେବାକୁ ଚେଷ୍ଟା କରୁନଥିବା ପରି ପରିଲକ୍ଷିତ ହେଉଛି। ସୁକିନ୍ଦା ନିର୍ବାଚନ ମଣ୍ଡଳୀ,କଳିଙ୍ଗନଗର ରେ ଏକାଧିକ ସମସ୍ୟା ରହିଛି କେବେ ବି ଏହି ସମସ୍ୟାର ସମାଧାନ ପାଇଁ ଆଗକୁ ଆସୁନାହାନ୍ତି। ହଁ ନିଜର ସ୍ଥିତି କୁ ଜାହିର କରିବା ପାଇଁ କିଛି ସାଧାରଣ କର୍ମୀଙ୍କୁ ଧରି ସୋସିଆଲ ମିଡ଼ିଆ ରେ ନିଜର ପ୍ରଚାର ପ୍ରସାର କରିବା ପାଇଁ ଚେଷ୍ଟା କରୁଛନ୍ତି। ଏଠାରେ ଖଣି ସହିତ ଏକାଧିକ ଶିଳ୍ପସଂସ୍ଥା ଗଢି ଉଠିଥିବା ବେଳେ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ସମସ୍ୟା ର ଲମ୍ବା ତାଲିକା ସମ୍ପର୍କରେ ସରକାରରେ ଥିବା ସମୟରେ ଚିନ୍ତା ନକରି ନିଜର ମନମାନୀକୁ ଜାହିର କରୁଥିଲେ। ଏବେ ମଧ୍ୟ ସମାନ ସ୍ଥିତି କହିଲେ ଭୁଲ ହେବନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ମାତ୍ର ନୂତନ ସରକାରଙ୍କ ମନ୍ତ୍ରୀ ତଥା ବିଧାୟକ ପ୍ରଦିପ ବଳସାମନ୍ତ ଗତ ୩୦ ବର୍ଷ ହେବ ହୋଇଥିବା ଭୂଲ କୁ ସଜାଡ଼ିବା ପାଇଁ ଚେଷ୍ଟା କରୁଥିବା ବେଳେ କିଛି ଅର୍ବାନ ମାଓବାଦୀ ମାନେ ଖୁଲମଖୁଲା ସରକାରଙ୍କ ମନ୍ତ୍ରୀ କାର୍ଯ୍ୟଧାରାକୁ ଦେଖି ସହିପାରୁ ନଥିବା କଥା ସରକାରୀ ଦଳର ତୁଙ୍ଗ ନେତାମାନେ ଆଲୋଚନା କରୁଥିବା ଦେଖିବାକୁ ମିଳିଛି। ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି ପୂର୍ବରୁ ଥିବା ବିଧାୟକ କ'ଣ ଜଣେ ବିରୋଧୀ ଦଳର ନେତା ଭାବରେ ନିଜକୁ ଉପସ୍ଥାପିତ କରୁଛନ୍ତି।ନା ପୂର୍ବରୁ ଥିବା ନିତି ରେ ନିଜକୁ ଆପଣେଇ ଚୁପ୍ ରହୁଛନ୍ତି।

# ପରିବାର ମଙ୍ଗଳ ଯୋଜନା କାହା ପାଇଁ, କେବଳ ପ୍ରହସନ

ବୌଦ୍ଧ ୮/୩(ନି.ପ୍ର): ସରକାର ଅସହାୟ ବିଧବା ମହିଳା ଙ୍କ ଆତ୍ମନିର୍ଭର ଶିଳ ହେଉକି ସରକାରୀ ସହାୟତା ଭାବରେ ହେଉ ପରିବାର ମଙ୍ଗଳ ଯୋଜନା ତିଆରି କରିଛନ୍ତି । ଏହା ସତରେ କାର୍ଯ୍ୟକାରୀ ହେଉଛି ନା ସରକାରୀ କାଗଜ କଲମ ଦ୍ୱାରା ଡିଣ୍ଡିମ ପିଟି ବାହା ବାହା ନିଆଯାଉଛି । ଯାହାକି ସରକାର ଙ୍କ ଏଭଳି ଯୋଜନା ନାମକୁ ମାତ୍ର ପ୍ରହସନ ବୋଲି ଲୋକେ ପ୍ରଶ୍ନ କରୁଥିବା ବେଳେ ଯୋଗ୍ୟ ହିତାଧିକାରୀ ବିଧବା ମହିଳା ଙ୍କୁ ମିଳୁନି ଏହି ଯୋଜନା । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରେ ହିତାଧିକାରୀ ଜଣ ଙ୍କ ହେଲେ ଧଳପୁର ପଞ୍ଚାୟତ କଂକଲା ଗ୍ରାମର ରୀନା ପ୍ରଧାନ, ଏପଟେ ଚନ୍ଦ୍ରଶେଖରପୁର ଗ୍ରାମର ନିନା ଡାଙ୍ଗ ଉଭୟ ଦୁଇ ମହିଳା ସ୍ୱାମୀଙ୍କୁ ହରାଇବାର ଆଜକୁ ପ୍ରାୟ ଦୁଇ ବର୍ଷ ବିତିଗଲାଣି ବର୍ତ୍ତମାନ ପରିବାର ରେ ଛୋଟ ପିଲା ମାନଙ୍କୁ ନେଇ ବହୁତ ଦୁଃଖ କଷ୍ଟ, ମୁଲମଜୁରୀ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ସରକାର ଙ୍କ ପରିବାର ମଙ୍ଗଳ ଯୋଜନା ରେ କିଛି ସରକାରୀ ସହାୟତା ପାଇବା ପାଇଁ ଆବେଦନ କରିଥିଲେ । କିନ୍ତୁ ଆବେଦନ ପତ୍ର ଟି ଆବେଦନ ଅବସ୍ଥା ରେ ହିଁ ବ୍ଲକ କାର୍ଯ୍ୟାଳୟ ରେ ପଡିରହିଛି । ସହାୟତା ପାଇଁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ ଆଜି ହେବ, କାଲି ହୋଇଯିବ ଏମିତି ସରକାରୀ ବାବୁ ଙ୍କ ପ୍ରତିଶୃତି ଶୁଣି ଶୁଣି କାଲା ହୋଇଗଲୁଣି ବୋଲି ହିତାଧିକାରୀ ମାନେ କହନ୍ତି । କେବେ ହେବ କାହିଁକି ସରକାର ଆମକୁ ଉକ୍ତ ଯୋଜନା ରେ ସାମିଲ କରୁ ନାହାନ୍ତି ଏମିତି ଅନେକ ପ୍ରଶ୍ନ ନିଜକୁ ପଚାରି ଭଗବାନ ଙ୍କୁ ଆଶ୍ରା କରି



ରହିଛୁ ବୋଲି ହିତାଧିକାରୀ ମାନେ କହୁଛନ୍ତି। ଏନେଇ ବୌଦ୍ଧ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିଷାନଙ୍କୁ ପଚାରିବାରୁ ଯେ ଯଦି ସେମାନେ ସରକାରଙ୍କ ସହାୟତା ରାଶି ପାଇ ନାହାନ୍ତି କଣ ଷ୍ଟାଟସ ରହିଛି ଏସମ୍ପର୍କ ରେ ମୁଁ ଉଭୟ ବିଡ଼ିଓଙ୍କୁ ପଚାରୁଛି ଏବଂ ତାଙ୍କର ତଦନ୍ତ ପରେ ତୁରନ୍ତ ତାଙ୍କୁ ପରିବାର ମଙ୍ଗଳ ଯୋଜନା ରେ ସାମିଲ କରି ଅନ୍ତର୍ଭୁତ କରିବା ପାଇଁ ଚେଷ୍ଟା କରୁଛୁ ବୋଲି କହିଥିଲେ । କିନ୍ତୁ ଖବର ପ୍ରସାରଣ ପରେ ମଧ ତୁନି ହୋଇ ବସିଛି ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୁଇ ଅସହାୟ ମହିଳାଙ୍କୁ ପରିବାର ମଙ୍ଗଳ ଯୋଜନା ରେ ସହାୟତା ଯୋଗାଇ ଦେବା ସହ ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି ।

# ପୋଲିସ ପକ୍ଷରୁ ନୂତନ ଆଇନ ସମ୍ପର୍କିତ ସଚେତନତା

ମାଲକାନାଗିରି, ୮/୩(ନି.ପ୍ର): ପଡିଆ ପୋଲିସ ପକ୍ଷରୁ ନୂତନ ଆଇନ୍ ସମ୍ପର୍କିତ ଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଉଚ୍ଚ ବିଦ୍ୟାଳୟରେ ଏଥିପାଇଁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ କରାଯାଇ ନୂତନ ଆଇନ୍, ଏହାର ପରିସର ଓ କାର୍ଯ୍ୟକାରିତା ସମ୍ପର୍କରେ ରେ ଆଲେ ଆଲୋଚନା ହୋଇଥିଲା। ୨୦୨୪ ପହିଲାରୁ ଆଇପିସି ବଦଳରେ ଭାରତୀୟ ନାଗରିକ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଦେଶବ୍ୟାପୀ କାର୍ଯକାରି କରାଯିବା ସହ ନ୍ୟାୟିକ ପ୍ରକ୍ରିୟାରେ ଲୋକଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇଥିବା ବୈଠକରେ କୁହାଯାଇଥିଲା। ଏଥିସହ ଟ୍ରାଫିକ ନିୟମ ପାଳନ, ସାଇବର ଅପରାଧୀଙ୍କ ବିରୋଧରେ ସଚେତନତା ସୃଷ୍ଟି କରା ରାଯାଇଥିଲା। ପଡିଆ ଥାନା ଅଧିକାରୀ ରାମେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ସରକାର, ଦେବବ୍ରତ ପରମାଣିକ, ସୁଶାନ୍ତ ପ୍ରଧାନ, ଏସ୍‌ଆଇ ନିରୋଦ କୁମାର ବାଘ, ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀ ଶ୍ରୀ ନବଗ୍ରହ ମହାପ୍ରଭୁଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ବାସୁଦେବପୁର୮/୩(ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ୮ ନମ୍ବର ୱାର୍ଡ ତେନ୍ତୁଳିଆ ଗ୍ରାମ ରେ ଅବସ୍ଥିତ ଶ୍ରୀ ଶ୍ରୀ ନବଗ୍ରହ ମହାପ୍ରଭୁଙ୍କ ୧୯ ତମ ବାର୍ଷିକ ଉତ୍ସବ ସହିତ ନୂତନ ମନ୍ଦିର ପ୍ରତିଷ୍ଠା ତିନି ଦିନ ଧରି ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବ ପାଳନ ଅବସରରେ ପ୍ରଥମ ଦିନ ମହିଳା ମାନଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା ସହିତ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମସ୍ତ ବିଧିବିଧାନ ରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଏହି କ୍ରମରେ ଦ୍ୱିତୀୟ ଦିନରେ ନବଗ୍ରହଙ୍କର ପଥର ବିଗ୍ରହ ସ୍ଥାପନା କରଯାଇଥିଲା ଏଥିସହିତ ନବଗ୍ରହ ମହାପ୍ରଭୁଙ୍କ ସହସ୍ରନାମ ଯଜ୍ଞ, ବିଷ୍ଣୁ ଓ ଶିବ ଶଙ୍କରଙ୍କ ସହସ୍ରନାମ ଯଜ୍ଞ ସହିତ ପାଲା ଅନୁଷ୍ଠିତ ହୋଇଯାଇଛି। ସେହିପରି ତୃତୀୟ ଦିନ ରେ ଗୀତାଶ୍ଳୋକେନ ଯଜ୍ଞ ଅନୁଷ୍ଠିତ ହୋଇ ସଂଧ୍ୟା ରେ ପୂର୍ଣ୍ଣାହୂତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଦିନ ସଂଧ୍ୟା ରେ ହନୁମାନ ଚାଳିଶା ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଭକ୍ତିମୟ କାର୍ଯ୍ୟକ୍ରମ ରେ ଅନେକ ଶ୍ରଦ୍ଧାଳୁମାନେ ସକାଳ ଠାରୁ ସଂଧ୍ୟା ପର୍ଯ୍ୟନ୍ତ ଉପସ୍ଥିତ ରହି ନବଗ୍ରହଙ୍କ ପୂଜା ଅର୍ଚ୍ଚନା କରିବା ସହିତ ନବଗ୍ରହ ମହାପ୍ରଭୁଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ। ପୂର୍ଣ୍ଣାହୁତି ଦିନ ହଜାର ହଜାର ଶ୍ରଦ୍ଧାଳୁମାନେ ଆଶୀର୍ବାଦ ଭିକ୍ଷା କରିବା ସହିତ ମହା ଆନନ୍ଦ ଉଲ୍ଲାସରେ ପ୍ରସାଦ ସେବନ କରି ଘରକୁ ଫେରିଥିଲେ।

# ଓଏମସିର ତତ୍କାଳ ଆମ୍ବୁଲାନ୍ସ ସେବାପାଇଁ ଆନ୍ତରିକତା ନାହିଁ !

କାଳିଆପାଣି ୮/୩(ନି.ପ୍ର): କାଳିଆପାଣି ଖଣି ପ୍ରଭାବିତ ଗାଁ ଗୁଡିକରେ ଲୋକମାନେ ବର୍ତମାନ ବିଭିନ୍ନ ପ୍ରକାର ମାରାତ୍ମକ ରୋଗର ଶିକାର ହୋଇ ଅସମୟରେ ପ୍ରାଣ ହରାଉଛନ୍ତି। ଖଣି ଖାଦାନ ଗୁଡ଼ିକରୁ ବିଷାକ୍ତ ହେକସାଭାଲେଣ୍ଟ ପଦାର୍ଥ ରେ ଏଅଞ୍ଚଳର ନଦୀ ନାଳ ପୋଖରୀର ଜଳକୁ ବିଷାକ୍ତ କରି ପ୍ରତି ବର୍ଷ ଅନେକ ଲୋକ ଏହାର ଶିକାର ହୋଇ ପ୍ରାଣ ହରାଇଛନ୍ତି । ଏବଂ ଏବେ ଏହି କାରଣରୁ ଅନେକ ଲୋକ ପୀଡିତ ହୋଇ ମୃତ୍ୟୁକୁ ଅପେକ୍ଷା କରିଛନ୍ତି । ଖଣି ଅଞ୍ଚଳରେ ସ୍ୱାସ୍ଥ୍ୟସେବା କହିଲେ ନାଁକୁ ମାତ୍ର ସୁବିଧା ଅଛି ଯେଉଁଠାରେ କେବଳ ସାଧାରଣ ରୋଗର ବଟିକା ମିଳିଥାଏ । ରାତି ଅଧରେ କେହି ଗୁରୁତର ହେଲେ ଜୀବନ ବଞ୍ଚିବା ଅସମ୍ଭବ କ୍ଷ ଏମିତି ଏକ ଅଭିଯୋଗ ଆଣିଛନ୍ତି ୩୭ ଜୋନ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଜେମା ଚାଖି । ସେ ଓଡିଶା ଖଣି ନିଗମ ବିରୁଦ୍ଧରେ ଏକ ସାଙ୍ଘାତିକ ଅଭିଯୋଗ ଆଣି କହିଛନ୍ତି ଯେ ଗତକାଲି ରାତି ୨ ଟା ବେଳେ ବିସ୍ଥାପିତ ନୂଆପାଣି ଗାଁ ର ଲାଲସିଂ ଚାକିଆ



(ବାପା -ଗୋବିନ୍ଦ ଚାକିଆ )ଙ୍କ ସ୍ୱାସ୍ଥ୍ୟ ଅତି ଶଙ୍କଟାପନ୍ନ ହୋଇପଡ଼ିଥିଲା କ୍ଷ ଏବଂ ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର କୁ ଯିବାପାଇଁ ଆମ୍ବୁଲାନ୍ସ ଆବଶ୍ୟକ ହୋଇଥିଲା । ଶ୍ରୀମତୀ ଚାଖି ରାତିରେ ଶ୍ରୀ ଲାଲସିଂଙ୍କ ଅନୁରୋଧ କ୍ରମେ ଓଡିଶା ଖଣି ନିଗମ ର ଅଧିକାରୀ ମାନଙ୍କୁ ଆମ୍ବୁଲାନ୍ସ ନିମନ୍ତେ ଫୋନ କରିଥିଲେ କ୍ଷ ମାତ୍ର ରାତିରେ କେହି ଅଫିସର ତାଙ୍କ ଫୋନ ଉଠାଇ ନଥିଲେ । ନିରାଶ ହୋଇ ସେ ଟାଟା କମ୍ପାନୀର ଅଧିକାରୀଙ୍କୁ ଫୋନ କରିବାରୁ ଟାଟା କମ୍ପାନୀ ର ଆମ୍ବୁଲାନ୍ସ ସହାୟତାରେ ଶ୍ରୀ ଲାଲସିଂଙ୍କୁ ରାତିରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇଥିଲେ । ଏପରି ପରିସ୍ଥିତିରେ ଶ୍ରୀମତୀ ଚାଖି ଅଭିଯୋଗ କରିଛନ୍ତି ଯେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କ ଫୋନକୁ ନଉଠାଇବା ଏବଂ ରାତିଅଧରେ ଜଣେ ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସ ସେବା ଯୋଗାଇ ନଦେବା ନିହାତି ଅମାନବୀୟ କାର୍ଯ୍ୟ । ଏଥିପାଇଁ ସେ ଓଏମସିର ଅଧିକାରୀଙ୍କ ଉପରେ ଘୋର ଆପତ୍ତି ଜଣାଇ ଥିଲେ । ସେ ଆହୁରି ମଧ ଅଭିଯୋଗ କରିଛନ୍ତି ଯେ ଓଏମସି ଦ୍ୱାରା ବିସ୍ଥାପିତ ଲୋକଙ୍କୁ ଜାଣିଶୁଣି କମ୍ପାନୀ ମରଣ ମୁହଁକୁ ଠେଲି ଦେବାକୁ ଚାହୁଁଛି ।

# ବଣାଇ ବ୍ଲକ ରେ ଜିଲ୍ଲାପାଳଙ୍କ ଜନ ଶୁଣାଣି

ବଣାଇ,୮/୩(ନି.ପ୍ର): ବଣାଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ପ୍ରକଳ୍ପ ନିର୍ଦ୍ଦେଶକ ସୁରଞ୍ଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଅକ୍ଷୟ ପିଲେ, ବଣାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିୟା, ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରେକୃଷ୍ଣ ମାଝୀ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୫୩ ଟି ଅଭିଯୋଗ ଆଗତ ହୋଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଭାବେ ୨୬ ଟି ଅଭିଯୋଗ ଆସିଥିବା ବେଳେ ଗୋଷ୍ଠୀଗତ ଭାବେ ୨୭ ଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୫ ଗୋଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ଅଭିଯୋଗ ମଧ୍ୟରେ ରାସ୍ତା, ସ୍ୱାସ୍ଥ୍ୟ, ପ୍ରଦୂଷଣ, ଗାଁରେ ମଦ ବିକ୍ରିକୁ ବିରୋଧ, ପାନୀୟ ଜଳ ସମସ୍ୟା ଓ ବ୍ୟକ୍ତିଗତ ମଧ୍ୟରେ ଚିକିତ୍ସା ସହାୟତା, ଜମି ଚିହ୍ନଟ ପାଇଁ ଜନସାଧାରଣ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଚିକିତ୍ସା ସହ ସହାୟତା ରାଶି ଭାବେ ୫ ଜଣଙ୍କୁ ମୋଟ ୩୧ ହଜାର ଟଙ୍କା, ରେଡକ୍ରସ ପାଣ୍ଠିରୁ ଜଣକୁ ୩ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।



# କୋରେଇରେ ରାଜସ୍ୱ ନିରୀକ୍ଷକଙ୍କ ପାଇଁ ହେଉଛି ରାଜସ୍ୱହାନି,ନିଷ୍କ୍ରିୟ ବ୍ୟାସନଗର ରାଜସ୍ୱ ବିଭାଗ

କୋରେଇ,୮/୩(ନି.ପ୍ର):ରାଜ୍ୟରେ ନୂତନ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଯେମିତ ବ୍ୟାସନଗର ତହସିଲ ଅଧିନରେ ଥିବା ସମସ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଅବସ୍ଥାପିତ ଥିବା ଆର୍ ଆଇ ମାନେ ଫୁଙ୍କି ଉଡେଇ ଦେଉଥିବା ଭଳି ମନେ ହେଉଛି ।ସମସ୍ତ ଆର୍ ଆଇ ମାନଙ୍କର କାର୍ଯ୍ୟକଳାପରୁ ଜଣାଯାଉଛି ଯେମିତି ସେ ତାଙ୍କ ନିଜର କର୍ତ୍ତବ୍ୟ ଭୁଲିଗଲେଣି !ସରକାର ସରକାରୀ ଜମିର ରକ୍ଷଣାବେକ୍ଷଣ ଓ ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେବାପାଇଁ ନିଯୁକ୍ତି କରାଯାଇଛି। କିନ୍ତୁ ଦୁଃଖର ବିଷୟ ଜଗୁଆଳି ସାଜିଛନ୍ତି ଚୋରଙ୍କ ସର୍ଦ୍ଦାର। ସାରା କୋରେଇରେ କୋଉଠି ସରକାରୀ ଜମି ଜବରଦଖଲ, ଗୋଚର ଜମି ଖନନ୍,ନଦୀ ବନ୍ଧ ନିକଟ ବର୍ତ୍ତି ଅଞ୍ଚଳରେ ଖନନ ,ବେଆଇନ ଇଟା ଭାଟି,ଜଙ୍ଗଲ ଜମିରେ ମହରମ୍ ଖୋଳା,ଚୋରା ବାଲି ଘାଟରୁ ବାଲି ଲୁଟ୍ ପରି ଅନେକ ଅଭିଯୋଗ ଲମ୍ବିବାରେ ଲାଗିଛି ।ସାଧାରଣ ଜନତାଙ୍କ ଟିକସରୁ ସରକାରଙ୍କ ଠାରୁ ମୋଟା ଅଙ୍କର ମାସିକ ବେତନ ପାଉଥିବା ବେଳେ ସରକାରୀ ଜମି ଏବେ ମାଫିଆଙ୍କ କବଳରେ। ନା ସରକାରଙ୍କ ନିର୍ଦ୍ଦେଶକୁ ଖାତିର ଅଛି ନା କୌଣସି ସାଧାରଣ ଜନତାଙ୍କୁ ଏଠି ପ୍ରଶ୍ନ ଉଠେ ଏମାନେ କଣ ସରକାରୀ ବିଧି ବ୍ୟବସ୍ଥା ଠାରୁ ଉର୍ଦ୍ଧରେକି ।ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ଦିନକୁ ଦିନ ତାତି ବଢ଼ିବାରେ ଲାଗିଛି କୋରେଇ ର ବିଭିନ୍ନ ଅଞ୍ଚଳ ରେ ଛତୁ ଫୁଟିଲା ଭଳି ଇଟା ଭାଟି ଚାଲିଥିବା ଦେଖିବାକୁ ମିଳୁଛି ।ଇଟା ଭାଟିରେ ନିର୍ଗତ କୋଇଲା ଧୁଆଁ ରେ ଅସ୍ତବେସ୍ତ




ସାଧାରଣ ଜନତା। ସରକାରୀ ନିୟମ ଅନୁସାରେ ଚେମିନୀ ଭାଟି ଓ ନାଲି ଇଟାକୁ ପ୍ରଦୂଷଣ ବିଭାଗ ବ୍ୟାନ କରିଥିବା ବେଳେ ଏହି ଆର ଆଇ ମାନେ ପ୍ରତ୍ୟେକ ଚେମିନୀ ଭାଟି ଓ ଛୋଟ ଇଟା ଭାଟିରୁ ହଜାର ହଜାର ଟଙ୍କା ହାତଗୁଞ୍ଜା ନେଇ ପରୋକ୍ଷ ରେ ସହଯୋଗ କରୁଥିବା ଅଭିଯୋଗ ହେଉଛି ।ଶୁଣିବାକୁ ମିଳୁଛି କୁଆଡେ ଇଟା ଭାଟିରୁ ପଥରପଦା ଆର୍ ଆଇ,ଚୋରା ବାଲି ଘାଟରୁ ମୂଳାପାଳ, ତାରାକୋଟ ,ମୁକୁନ୍ଦପୁର, ଦୁଲାଖାପାଟଣା,ରଣପୁର ଆର୍ ଆଇ,ମହରମ ରୁ ପଛିକୋଟ,ତଳଗଡ ଆର୍ ଆଇ ପ୍ରମୁଖ ଚୋରା କାରବାରରେ ଲିପ୍ତ ରହିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନେକ ଆର୍ ଆ । ଇ ଙ୍କ ର ନିର୍ବାଚନ ପରେ ବଦଳି ହୋଇଥିବା ବେଳେ କିଛି ଆର୍ ଆଇଙ୍କର ଏବେ ମଧ ବଦଳି ହୋଇନାହିଁ ସେ କାରଣରୁ ପୁରୁଣା ଦୁର୍ନୀତି ଖୋର ମନବୃତି ବଦଳି ନଥିବା ଆଲୋଚନା ହେଉଛି।

ଏ ସମସ୍ତ ବେଆଇନ୍ କାର୍ଯ୍ୟକଳାପ କୁ ଜାଣି ସୁଦ୍ଧା ବ୍ୟାସନଗର ତହସିଲଦାର ଏହାକୁ ଘଣ୍ଟ ଘୋଡାଉ ଥିବା ଆଶ୍ଚର୍ଯ୍ୟଜନକ ବୋଲି ଛକ ଛକ ରେ ଲୋକେ କୁହା କୁହି ହେଉଛନ୍ତି ।ସାଧାରଣ ଜନତା ବାରମ୍ବାର ତହସିଲ କାର୍ଯ୍ୟାଳୟକୁ କୌଣସି କାର୍ଯ୍ୟ ପାଇଁ ଯାଇ ବିଫଳ ହୋଇ ଫେରୁଥିବା ବେଳେ ମାଫିଆଙ୍କ ଗେହ୍ଲା ପୁଅ ବ୍ୟାସନଗର ତହସିଲଦାର ସାଜିଥିବା ଅଭିଯୋଗ ହେଉଛି ।କୋରେଇ ଅଞ୍ଚଳର ବିଭିନ୍ନ ଜବର ଦଖଲ ଉଚ୍ଛେଦ ପାଇଁ ଚିଠି ହୋଇଥିଲେ ମଧ ତହସିଲଦାର ଲାଞ୍ଚ ନେଇ ଚିଠିକୁ ଫାଇଲ ତଳେ ଚାପିଦେଇଥିବ ମଧ ସଙ୍ଗୀନ ଅଭିଯୋଗ ହେଉଛି ।ଏକ ବେଆଇନ୍ ମହରୋମ୍ ଖଦାନ ବିଷୟରେ ପଛିକୋଟ ଆର୍ ଆଇ ସୁଧୀର କୁମାର ଙ୍କ ପ୍ରତିକ୍ରିୟା ନେବା ପାଇଁ ଫୋନ୍ ଯୋଗେ ଯୋଗା ଯୋଗ ପ୍ରଶ୍ନ କରିଥିଲୁ ସେ ଚେଙ୍କି ଉଠି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ମୁଁ ଜଣେ ସରକାରୀ ଅଧିକାରୀ ମୋତେ ଫୋନ୍ କଲେ ନମସ୍କାର କରିବେ ତା ପରେ ଯାହା ପଚାରିବେ , ମୁଁ ଭଗବାନ ନୁହେଁ ଯେ କୋଉଠି ମହରୋମ ଖୋଳା ହେବ ମୁଁ ଜାଣିବି ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ ଜେ ପଛିକୋଟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ର ପଛପଟେ ମହରୋମ ଖୋଳା ହେଉଛି ଆର୍ ଆଇ ଏହାକୁ ସହଯୋଗ କରୁଛନ୍ତି ।ତେଣୁ ଏ ସମସ୍ତ ଘଟଣାକୁ ଜିଲ୍ଲାପାଳ ପୁଙ୍ଖା ନୁ ପୁଙ୍ଖ ତଦନ୍ତ ପରିସର ଭୁକ୍ତ କରି ଦୂର୍ଣୀତିଖୋର୍ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମାନେ ଦାବୀ ପ୍ରକଟ କରିଛନ୍ତି।

# ଉଦଘାଟନ ହେଲା ରମାକାନ୍ତ ସେବା ଫାଉଣ୍ଡେସନ

ବାସୁଦେବପୁର ୮/୩(ନି.ପ୍ର): ମାନବ ସେବା ହିଁ ମାଧବ ସେବା ' କଥାକୁ ସାକାର କରିବାକୁ ଚେଷ୍ଟା କରିଛନ୍ତି ରମାକାନ୍ତ ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ରତିକାନ୍ତ ପ୍ରଧାନ। ଅସହାୟ ଲୋକଙ୍କ ସେବା କରିବା ଉଦ୍ଦେଶ୍ୟରେ ୨୦ ରୁ ଅଧିକ ଯୁବକ ଓ ଯୁବତୀ ମାନଙ୍କୁ ନେଇ ତାଙ୍କର ଏହି ସଂଗଠନକୁ ନିଜ ପିତାଙ୍କ ନାମରେ ନାମିତ କରିବା ସହିତ ତାଙ୍କର ସମାଜସେବା ଭଳି ଏକ ମହତ୍ ଉଦ୍ଦେଶ୍ୟ ରଖିଛନ୍ତି। ଉକ୍ତ ଉଦଘାଟନ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମହାପ୍ରସାଦ ସ୍ୱାମୀ, ସମ୍ମାନିତ ଅତିଥି ଭାବେ ଶ୍ରୀରାମ ସେନାର ଭଦ୍ରକ ଜିଲ୍ଲା ଉପଦେଷ୍ଟା ଜ୍ଞାନ ପ୍ରକାଶ ପାଣି, ଜୟ ପ୍ରକାଶ ମଲ୍ଲିକ, ବନମାଳୀ ପରିଡ଼ା, ଡକ୍ତର ସୁଧାକର ମହାପାତ୍ର । ଅଦୋତ୍ୟ ମହାପାତ୍ର ଙ୍କ ସଂଯୋଜନା ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିବା ବେଳେ ରମାକାନ୍ତ ପ୍ରଧାନ ଓ ରତିକାନ୍ତ ପ୍ରଧାନ ଅତିଥି ମାନଙ୍କ ସହ ଉପସ୍ଥିତ ରହିଥିଲେ। ଏହି ଅବସର ରେ ପୂର୍ବତନ ପ୍ରଧାନ ଶିକ୍ଷକ, କୃଷକ, ମେଧାବୀ ବିଦ୍ୟାର୍ଥୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗରିବ ଅସହାୟ ଲୋକଙ୍କୁ ଶୁଖିଲା ଖାଦ୍ୟ ପଦାର୍ଥ, ବସ୍ତ୍ର, ଫଳ ବଣ୍ଟନ କରିଥିଲେ ରତିକାନ୍ତ ପ୍ରଧାନ। ସମସ୍ତ ସଦସ୍ୟ ମନ୍ଦିର ଯାଇ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଏହି କ୍ରମ ରେ ସୋମ ବାର ସକାଳେ ନିଜ ଅଞ୍ଚଳ ରେ ସଫେଇ କାର୍ଯ୍ୟ କ୍ରମ କରିଥିଲେ ରମାକାନ୍ତ ସେବା ଫାଉଣ୍ଡେସନ ର ସଦସ୍ୟ ମାନେ। ପରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିବା ସହିତ ଗୁଡ଼ ଠାରେ ଥିବା ଶିବ ମୁନି ବୃଦ୍ଧାଶ୍ରମ ଓ ବାସୁଦେବପୁର ପୌର ପରିଷଦ ରେ ଥିବା ବାଲାଜୀ ବାସନ୍ତୀ ବୃଦ୍ଧାଶ୍ରମ ରେ ରହୁଥିବା ଅନ୍ତେ ବାସୀ ମାନଙ୍କୁ ଶୁଖିଲା ଖାଦ୍ୟ ପଦାର୍ଥ ସହିତ ଫଳ ଓ ବସ୍ତ୍ର ବଣ୍ଟନ କରିଥିଲେ ପ୍ରତିଷ୍ଠାତା ରତିକାନ୍ତ ପ୍ରଧାନ ସହ ଜୟ ପ୍ରକାଶ ମଲ୍ଲିକ ଓ ଅନ୍ୟ ସଦସ୍ୟ ମାନେ। ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ଦୁଇ ଦିନ ଧରି ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ରହି ସୁଚାରୁରୂପେ ସମ୍ପାଦନ କରିଥିଲେ। ଏହି ଭଳି କାର୍ଯ୍ୟକ୍ରମ କରିଥିବା ରତିକାନ୍ତ ପ୍ରଧାନଙ୍କୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରିଥିଲେ।

## ସଂପାଦକୀୟ

# ନିଶ୍ଚିହ୍ନ

ଆଗାମୀ ଦଶ ବର୍ଷ ମଧ୍ୟରେ ପୃଥିବୀର ଛଅଟି ସହର ସମୁଦ୍ର ଜଳରେ ନିମଗ୍ନ ହେବ। ତନ୍ମଧ୍ୟରୁ ଭାରତର କୋଲକତା ଅନ୍ୟତମ। କ୍ଲାଇମେଟ୍ ସେଣ୍ଟ୍ରାଲ୍ ନାମକ ସଂସ୍ଥା ଏହି ସୂଚନା ପ୍ରଦାନ କରିଛି। ଭାରତର ମାଙ୍ଗାଲୋର, କାଣ୍ଡଲା, ମର୍ମୁଗାଓ, ପାରାଦ୍ୱୀପ, ମୁମ୍ବାଇ, କୋଚି ଓ ଭବନଗର ଧୀରେ ଧୀରେ ସମୁଦ୍ର ଜଳରେ ନିମଗ୍ନ ହେଉଛି। ୨୦୫୦ ସୁଦ୍ଧା ଏହି ସହରଗୁଡ଼ିକ ସମ୍ପୂର୍ଣ୍ଣରୂପେ ସମୁଦ୍ର ଗର୍ଭକୁ ଚାଲିଯିବ ବୋଲି ଉପଗ୍ରହ ତଥ୍ୟକୁ ବିଶ୍ଳେଷଣ କରି ନାସା ତା'ର ରିପୋର୍ଟରେ ପ୍ରକାଶ କରିଛି। ଅସମ୍ଭବ ନୁହେଁ ! ଆମ ଆଖି ଆଗରେ ତ ସାତଭାୟା ନିଶ୍ଚିହ୍ନ ହୋଇଗଲା। ବିଳମ୍ବ ହେଲେ ବି ଏବେଠୁଁ ସତର୍କ ନହେଲେ କେବଳ ଭାରତ ନୁହେଁ ପୃଥିବୀର ଅନ୍ୟାନ୍ୟ ଦେଶର ଉପକୂଳବର୍ତୀ ଅଂଚଳ ଦିନେ ନା ଦିନେ ସମୁଦ୍ର ଜଳରେ ନିମଗ୍ନ ହୋଇଯିବ। ଆମେ ଉତରାଖଣ୍ଡରେ ଖଣ୍ଡପ୍ରଳୟ କିଛି ବର୍ଷ ହେଲା ଦେଖି ଆସୁଛନ୍ତି। ୧୯୯୯ ର ମହାବାତ୍ୟା ଦେଖିଥିଲେ। କିଛି ଦିନ ତଳେ ଆନ୍ଧ୍ରର ତିରୁପତିରେ ବର୍ଷା ବିପ୍ରାତ ଦେଖିଲେ। ଦିଲ୍ଲୀରେ ବାୟୁ ପ୍ରଦୂଷଣ ଅସମ୍ଭବ ପ୍ରକାରେ ହେଉଛି। ଯମୁନା ନଦୀରେ ବିଷାକ୍ତ ଫେଣ ବରଫଖଣ୍ଡ ଭଳି ଭାସିଆସୁଛି। ବିଶ୍ୱରେ ସବୁଠାରୁ ବେଶି ପ୍ରଦୂଷିତ ସହର ମଧ୍ୟରୁ ଭାରତରେ ୨୨ଟି ଅଛି। ଭାରତରେ ବେଶି ପ୍ରଦୂଷିତ ନଦୀର ସଂଖ୍ୟା ୩୫୧ ହୋଇଥିବା ସ୍ଥଳେ ଓଡ଼ିଶାରେ ଏହା ୧୯ରେ ପହଂଚିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ ବାୟୁ ପ୍ରଦୂଷଣ ଯୋଗୁଁ ଭାରତରେ ବାର୍ଷିକ ୨୦ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟୁଛି ଏବଂ ଏହା ବିଶ୍ୱର ଶତକଡ଼ା ୧୮ ଭାଗ। ପ୍ରଶ୍ନ ଉଠୁଛି – ଏହି ପ୍ରଦୂଷଣ ପାଇଁ ଆମେ କାହାକୁ ଦାୟୀ କରିବା ? ସରକାରଙ୍କୁ ନା ଶିଳ୍ପପତିଙ୍କୁ ନା ସାଧାରଣ ଜନତାଙ୍କୁ ? ଦେଶରେ ତ ଏନ୍‌ଜିଟି, ପିସିବି, ଆଇଏମ୍‌ଡି, ଆଇପିସିସି, ଏନ୍‌ଏପିସିସି ଭଳି ଅନେକ ସଂସ୍ଥା ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ଅଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟଟିଏ ବି ଅଛି। ଏମାନେ ସବୁ କରୁଛନ୍ତି କ'ଣ ? ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି ଏମାନେ ସବୁ ସୁଖନିଦ୍ରାରେ ଶୋଇଛନ୍ତି। ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ଜଙ୍ଗଲ ଧ୍ୱଂସକୁ ଜଳବାୟୁଠାରୁ ଅଲଗା କରି ବିଚାର କରାଯାଇ ପାରିବ ନାହିଁ। ସେ ମିଥେନ୍ କିମ୍ବା ଅଙ୍ଗାରକାମ୍ଳର ନିର୍ଗମନ ହେଉ ଅଥବା ସବୁଜ କୋଠରୀ ପ୍ରଭାବ ହେଉ, ସବୁଗୁଡ଼ିକ ଜଳବାୟୁକୁ ପ୍ରଭାବିତ କରୁଛି। ତେଣୁ ଜଳବାୟୁ ପରିବର୍ତନ କଥା ଚିନ୍ତା କରିବା ପୂର୍ବରୁ ଜଳ ଓ ବାୟୁର ପ୍ରଦୂଷଣ ସାଙ୍ଗକୁ ଜଙ୍ଗଲ କ୍ଷୟ କଥା ବି ଚିନ୍ତା କରିବା ନିହାତି ଆବଶ୍ୟକ। ସ୍କଟ୍‌ଲ୍ୟାଣ୍ଡର ଗ୍ଲାସ୍‌ଗୋଠାରେ ଜଳବାୟୁ ସଂକ୍ରାନ୍ତୀୟ ଶିଖର ସମ୍ମିଳନୀ କୋପ୍-୨୬ ଦୁଇ ସପ୍ତାହ ଧରି ଚାଲିଲା। ୬ ବର୍ଷ ତଳେ ପ୍ୟାରିସ୍‌ରେ ହୋଇଥିବା ଶିଖର ସମ୍ମିଳନୀର ଚୁକ୍ତି ଏଯାଏଁ କାର୍ଯ୍ୟକାରୀ ହୋଇ ନଥିବାରୁ ପ୍ରାୟ ସମସ୍ତେ କ୍ଷୋଭ ପ୍ରକାଶ କରିଥିଲେ। ସର୍ବାଧିକ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଦାୟୀ ଚୀନ୍, ଆମେରିକା, ଭାରତ ଓ ଋଷର ପ୍ରତିନିଧିମାନେ ଚିରାଚରିତ ଢଙ୍ଗରେ ସମୟ ସୀମା ଘୋଷଣା କରିଦେଲେ। ଆମେରିକା କହିଲା ୨୦୫୦ ସୁଦ୍ଧା ଅଙ୍ଗାରକାମ୍ଳ ନିର୍ଗମନ ଶୂନକୁ ଆଣିବ, ଚୀନ୍ କହିଲା ୨୦୬୦ ମସିହା ସୁଦ୍ଧା ଶୂନକୁ ଆଣିବ ଏବଂ ଭାରତ କହିଲା ୨୦୭୦ ମସିହା ସୁଦ୍ଧା ଶୂନକୁ ଆଣିବ। ଜଣେ ଅନ୍ୟ ଜଣକୁ ଟପିଗଲେ। ଭାରତର ରାଜନୈତିକ ଦୃଶ୍ୟପଟରେ କେତେ ସକାଳ ସଞ୍ଜ ଯାଇସାରିବଣି। ମୋଦିଜୀଙ୍କ ପ୍ରତିଜ୍ଞା ସେଯାଏଁ ଜୀଇଁ ଥିଲେ ତ। ଟ୍ରମ୍ପ୍ ପ୍ରଶାସନ ପ୍ୟାରିସ୍ ଚୁକ୍ତିରୁ ଗଲା ଭଳି ଭାରତ ଯେ ଦୃଢ଼ ନିଶ୍ଚିତ ହୋଇ ରହିବ ତାହାର ଗ୍ୟାରେଂଟି କିଏ ଦେବ ? ଏହି ଚାରିଟି ରାଷ୍ଟ୍ର ଦ୍ୱାରା ଘୋଷିତ ଦୀର୍ଘ ସମୟ ସୀମା ବିଶ୍ୱବାସୀଙ୍କ ମନରେ ଆଶାର ସଂଚାର କରିବା ଅପେକ୍ଷା ବେଶି ନିରାଶା ସୃଷ୍ଟି କରିଛି। ଏକବିଂଶ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିଅସ୍‌କୁ ହ୍ରାସ କରିବା ପ୍ୟାରିସ୍ ଚୁକ୍ତିରେ ସ୍ଥାନ ପାଇଥିଲା। ତାପମାତ୍ରା ହ୍ରାସ ପାଇବା ତ ଦୂରର କଥାଗତ ପାଂଚ ବର୍ଷ ମଧ୍ୟରେ ୧.୫ ଡିଗ୍ରୀ ବୃଦ୍ଧି ପାଇଛି ବୋଲି ଦେଖାଗଲା। ସୁତରାଂ ବଡ଼ ବଡ଼ ରାଷ୍ଟ୍ରର ବଡ଼ ବଡ଼ କଥାକୁ କିଏ ବିଶ୍ୱାସକୁ ନେବ ? ଦୁଇ ସପ୍ତାହ ଧରି ଚାଲିଥିବା କୋପ୍-୨୬ ସମ୍ମିଳନୀରେ ଜଙ୍ଗଲ କ୍ଷୟ ବନ୍ଦ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୨୦୩୦ ସୁଦ୍ଧା ଗଛକଟା ବନ୍ଦ କରି ବୃକ୍ଷ ରୋପଣ କରିବାକୁ ୧୦୦ଟିରୁ ଉର୍ଦ୍ଧ୍ୱ ଦେଶ ସହମତି ପ୍ରକାଶ କରିଥିଲେ। କିନ୍ତୁ ବିକାଶ ଓ ଶିଳ୍ପାୟନକୁ ଦେଖିଲେ ଏହି ପ୍ରତିଶ୍ରୁତି ଯେ ନିଷ୍ଫଳ ହେବ, ଏହା ଜଳ ଜଳ ହୋଇ ଦେଖାଯାଉଛି। ଜୀବାଶ୍ମ ଇନ୍ଧନ ଓ ଗ୍ୟାସ୍ ବ୍ୟବହାର ବନ୍ଦ କରିବାକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିର କରିବାକୁ ସମ୍ମିଳନୀରେ ଏକ ମେଂଟ ଗଠନ କରାଯାଇ ଦାୟିତ୍ୱ ନ୍ୟସ୍ତ କରାଗଲା। ମାତ୍ର ଏହାକୁ କେଉଁ ରାଷ୍ଟ୍ର ଗ୍ରହଣ କରିବ ? ସର୍ବାଧିକ କୋଇଲା ବ୍ୟବହାରକାରୀ ରାଷ୍ଟ୍ର ଚୀନ୍ ଓ ଆମେରିକା ତ ଚୁକ୍ତିରେ ସ୍ୱାକ୍ଷର କଲେ ନାହିଁ, ଅନ୍ୟାନ୍ୟ ରାଷ୍ଟ୍ର ସେହି ଆଳରେ ଚୁକ୍ତିକୁ ଫାଇଲ୍ ଭିତରେ ଚାପି ଦେବେ। ବିକଶିତ ରାଷ୍ଟ୍ରଗୁଡ଼ିକର ବେପରୁଆ ମନୋବୃତି ଯୋଗୁଁ ବିକାଶଶୀଳ ରାଷ୍ଟ୍ର ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଜଳବାୟୁର ପ୍ରତିକୂଳ ପ୍ରଭାବକୁ ପ୍ରତିହତ କରିବାକୁ ବିକଶିତ ରାଷ୍ଟ୍ରମାନେ ଯେତେ ପରିମାଣରେ ଆର୍ଥିକ ଅନୁଦାନ ଦେବା କଥା, ତାହା ଦେଉ ନାହାଁନ୍ତି। ଫଳରେ ବିକାଶଶୀଳ ରାଷ୍ଟ୍ରମାନେ ଆବଶ୍ୟକ ପଦକ୍ଷେପ ନେଇ ପାରୁ ନାହାଁନ୍ତି। ଜଳବାୟୁ ସୁରକ୍ଷା କର୍ମୀ ଗ୍ରେଟା ଥନ୍‌ବର୍ଗ ସମ୍ମିଳନୀକୁ ନେଇ ନୈରାଶ୍ୟ ପ୍ରକାଶ କରିଛନ୍ତି। ସମ୍ମିଳନୀରେ ହୋଇଥିବା ନିଷ୍ପତି ସନ୍ତୋଷଜନକ ନୁହେଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଗ୍ଲାସ୍‌ଗୋ, ଲଣ୍ଡନ, ପ୍ୟାରିସ୍, ଜୁରିଚ୍, ଇସ୍ତାନବୁଲ ଓ କୋପେନ୍‌ହେଗେନ୍‌ରେ ଲକ୍ଷ ଲକ୍ଷ ଲୋକ ସମବେତ ହୋଇ ବିକ୍ଷୋଭ କରିଥିଲେ। ସେମାନେ ମଧ୍ୟ ସମାନ ମନ୍ତବ୍ୟ ଦେଇଛନ୍ତି। ଜଳବାୟୁ ପରିବର୍ତନ ଜୀବନ ଜୀବିକାକୁ ଗଭୀରଭାବେ ପ୍ରଭାବିତ କରୁଛି। ଏଥିଯୋଗୁଁ ଅଗାମୀ ଦଶ ବର୍ଷ ମଧ୍ୟରେ ୧୩ କୋଟିରୁ ଉର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଯିବେ ବୋଲି ବିଶ୍ୱବ୍ୟାଙ୍କ୍ ତାର ରିପୋର୍ଟରେ ପ୍ରକାଶ କରିଛି। ଶିଶୁମାନଙ୍କଠାରେ ହେଉଥିବା ରୋଗର ଶତକଡ଼ା ୯୦ ଭାଗ ଏହି ଜଳବାୟୁ ପରିବର୍ତନ ଯୋଗୁଁ ହେଉଛି ବୋଲି ୟୁନିସେଫ୍ ପ୍ରକାଶ କରିଛି। ବିଦ୍ୟାଳୟର ପାଠ୍ୟକ୍ରମରେ ଜଳବାୟୁ ପରିବର୍ତନ ସ୍ଥାନ ପାଇବା ଉଚିତ ବୋଲ ସମ୍ମିଳନୀରେ ମତ ପ୍ରକାଶ ପାଇଛି। ବେଶ୍ ଭଲ କଥା। କିନ୍ତୁ ଉତର ପିଢ଼ିଙ୍କୁ ତାଲିମ ଦେଉ ଦେଉ ପୂର୍ବ ପିଢ଼ି ଯେ କବର ନେଇ ସାରିଥିବେ , ଏକଥା ଗୁରୁତର ସହ ବିଚାର କରିବା ଉଚିତ। ତାପମାତ୍ରା ନିୟନ୍ତ୍ରଣ କରିବାକୁ ଯୁଦ୍ଧକାଳୀନ ଭିତିରେ ପଦକ୍ଷେପ ନେବା ପ୍ରତ୍ୟେକ ରାଷ୍ଟ୍ରର କର୍ତବ୍ୟ। ପଚାଶ-ଶହେ ବର୍ଷ ଅବଧି ନୁହେଁ ସ୍ୱଳ୍ପ ସମୟ ସୀମା ମଧ୍ୟରେ ଲକ୍ଷ୍ୟ ସ୍ଥିର କରି ତାକୁ କାର୍ଯ୍ୟକାରୀ କଲେ ଜଳବାୟୁ ପରିବର୍ତନ ଜନିତ ବିଭୀଷିକାକୁ ବହୁ ମାତ୍ରାରେ ନିୟନ୍ତ୍ରଣ କରାଯାଇ ପାରିବ।

# ଶାନ୍ତିର ପଥ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଯୁଗପୁରୁଷୋତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମଗ୍ର ମାନବ ଜାତି ପାଇଁ ତ୍ରାଣକର୍ତା ଭାବେ ତାଙ୍କ ଅଗଣିତ ଆଶ୍ରିତମାନଙ୍କ ଜୀବନକୁ ଦିବ୍ୟପଥରେ ନେବା ପାଇଁ ମାର୍ଗଦର୍ଶନ କରିଛନ୍ତି। ସତସଙ୍ଗର ପ୍ରତିଷ୍ଠାତା ଯୁଗପୁରୁଷୋତମ ଭଗବାନ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ଭାରତବାସୀଙ୍କୁ ଆହ୍ୱାନ ଜଣାଇଲେ – ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ – ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି – ଫାଙ୍କି ଦେଲେ ତାହା ହିଁ ପାଇବ। ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ ଭଗବାନ ଅସୀମ ହୋଇ ଉଠିଛନ୍ତି – ଋଷିଙ୍କୁ ବାଦ ଦେଇ ଋଷି ବାଦର ଉପାସନା ଆରମ୍ଭ ହୋଇଛି। ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି, ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୁଅ – ଆଉ ତୁମର ମୂର୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ, ଏବଂ ସେହିମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି। କାରଣ ପୂର୍ବବର୍ତୀଙ୍କୁ ଅଧିକାର କରିହିଁ ପରବର୍ତୀଙ୍କର ଆବିର୍ଭାବ। ୧୯୪୧ ମସିହା ଡିସେମ୍ବର ୭ ତାରିଖ ଆଲୋଚନା ପ୍ରସଙ୍ଗର ପ୍ରଥମ ଖଣ୍ଡରେ ଉଦ୍ଧୃତ ହୋଇଛି। ଶ୍ରୀ ଶ୍ରୀ ଠାକୁର – ଶାନ୍ତିର ପଥ ହେଲା ଇଷ୍ଟ ବା ସଦ୍‌ଗୁରୁଙ୍କ ଠାରେ ଅଚ୍ୟୁତ ନିଷ୍ଠା କଞ୍ଚୁଷ ଭଳି ସବୁଦିଗରୁ, ସବୁ ପ୍ରକାର ଭାବେ। ପ୍ରବୃତି ପଛରେ ଧାଏଁ, ତାର ଗୋଟେ ସଙ୍ଗେ ଗୋଟେର ମେଳ ନାହିଁ, ତେବେ ବେଳେବେଳେ ଗୋଟେ ଗୋଟେ ନେଇ ଅଭିଭୂତ ହୋଇଥାଏ ଆଉ ସତାକୁ ଶୀର୍ଣ୍ଣ କରେ। କିନ୍ତୁ ନିସ୍ତାର ପାଇବାକୁ ହେଲେ ଆମ ମାନଙ୍କର ବାହାରେ ଗୋଟେ କିଛି ଥିବା ଦରକାର। ଜଳର ସ୍ରୋତ ଆମ ମାନଙ୍କୁ ଟାଣି ନେଇଯାଏ। ପହଁରା ଜାଣେନା, ପ୍ରବଳ ସ୍ରୋତ। ତେଣୁ ବାହାରେ ଡଙ୍ଗାରେ ଶକ୍ତ ଖୁଂଟ ଯଦି ଗୋଟେ ଥାଏ ଏବଂ ତା ସଙ୍ଗେ ଶକ୍ତ ଦଉଡି ଦ୍ୱାରା ଅଚ୍ଛେଦ୍ୟଭାବେ ଯଦି ବନ୍ଧା ଯାଇଥାଏ ତେବେ ହିଁ ପାଣିଟାକୁ ଉପଭୋଗ କରିପାରେ, ପହଁରିପାରେ ଅକ୍ଳେଶରେ। ଖୁଂଟ ସେହି ଇଷ୍ଟ – ସତାସମ୍ବର୍ଦ୍ଧନୀ – ସମ୍ବନ୍ଧୀୟ ଜ୍ଞାନ ଯିଏ ଆଚରଣ କରି ଲାଭ କରିଛନ୍ତି। ତାଙ୍କ ଉପରେ ଅଚ୍ୟୁତ ଟାଣ ଦରକାର, ଦଉଡି ଛିଣ୍ଡିଲେ ହେବନି। ଆମ ମାନଙ୍କ ଭିତରେ ଅଛି ସୁରତ, ଅଛି ସଂସକ୍ତିର ଆକୃତି, ଅଛି ଆସକ୍ତି।

# ବିକାଶ ପଛଘୁଂଚା

**ବାଦଲ ଭୂୟାଁ**

ଦେଶର ପ୍ରାୟ ୩୦ ଭାଗ ଖଣିଜ ସଂପଦ ଓଡ଼ିଶାରେ ରହିଛି। ଖଣିଜ ସଂପଦ ପାଇଁ ଆମ ଦେଶ ଓ ବିଦେଶ ଆମ ରାଜ୍ୟ ଉପରେ ନିର୍ଭର କରନ୍ତି। ଓଡ଼ିଶାରେ ବ୍ୟାପକ ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଥିବା ବେଳେ ପର୍ଯ୍ୟାପ୍ତ ଜଙ୍ଗଲ ସଂପଦ, ମତ୍ସ୍ୟ ସଂପଦ, ଜଳ ସଂପଦ ଓ ଶହେଭାଗ ଉର୍ବର ଚାଷ ଜମି ରହିଛି। ରାଜ୍ୟରେ ବୌଦ୍ଧିକ ସଂପଦ ଓ ପ୍ରତିଭାର ଅଭାବ ନାହିଁ। ରାଜ୍ୟରେ ଥିବା ୪୮୦ କି.ମି. ସୁଦୀର୍ଘ ମନୋରମ ସମୁଦ୍ର ଉପକୂଳ ଓ ଏସିଆ ମହାଦେଶର ସର୍ବ ବୃହତ ଲବଣାକ୍ତ ହ୍ରଦ ଚିଲିକା ରାଜ୍ୟର ଗୌରବ ବହନ କରୁଛି। ବିଶ୍ୱ ବିଖ୍ୟାତ ଭିତରକନିକା ଅଭୟାରଣ୍ୟ, ଦୁର୍ଲଭ ଅଲିଭ୍ ରିଡ୍‌ଲେ କଇଁଛ ମାନଙ୍କ ଏନ୍ତୁଡ଼ିଶାଳ, କୁମ୍ଭୀର ପ୍ରଜନନ କେନ୍ଦ୍ର, ବିଶାଳ ସାମୁଦ୍ରିକ ଅଭୟାରଣ୍ୟ, ହେନ୍ତାଳ ବଣ ଆଦି ଓଡ଼ିଶାର ଗର୍ବ ଓ ଗୌରବ। ସେହିପରି ଓଡ଼ିଶା ଭାରତର ସବୁଠୁ ପଛୁଆ ଓ ଅବହେଳିତ ରାଜ୍ୟ। ଦାରିଦ୍ର୍ୟର ଉତ୍ପାତ ବେଶୀ। ଅଧିକାଂଶ ଶିଶୁ ପୃଷ୍ଟିହୀନତାର ଶିକାର। ଶିଶୁ ଓ ମାତୃ ମୃତ୍ୟୁହାର ସର୍ବାଧିକ ଇତ୍ୟାଦି। ନବୀନ ବାବୁ ୫ ଥର ମୁଖ୍ୟମନ୍ତ୍ରୀ ଆସନରେ ବସି ଲଗାତାର ୨୦ ବର୍ଷ ଧରି ଓଡ଼ିଶା ଶାସନ କରି ଆସୁଛନ୍ତି। ହେଲେ ଏହି ଲମ୍ବା ସମୟ ମଧ୍ୟରେ ଓଡ଼ିଶାରେ ସେଭଳି କିଛି ବିକାଶ ହୋଇନଥିବା ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

ବାସ୍ତବରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବା ରାଜ୍ୟ ନେତୃତ୍ୱର ଅପାରଗତା ଯୋଗୁ ରାଜ୍ୟର ବିକାଶ ଆଗେଇ ପାରୁନାହିଁ। ଓଡ଼ିଶାର ଗରିବ ଲୋକମାନଙ୍କର ଜୀବନ ଯନ୍ତ୍ରଣାକୁ ପ୍ରଶାସନ ହୁଏତ ବୁଝି ପାରୁନାହିଁ। ଗରିବ ଲୋକର ଉନ୍ନତି ପାଇଁ ସେମିତି କିଛି ସଶକ୍ତ ଯୋଜନା କରାଯାଉ ନାହିଁ କି କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ଠିକ୍ ଭାବେ ଲୋକଙ୍କ ପାଖରେ ପହଂଚାଉ ନଥିବା ବାରମ୍ବାର ଅଭିଯୋଗ ହେଉଛି। ଖଣି, ପାଣି, କୋଇଲା ମହାଦୁର୍ନୀତି ଓ ଚିଟଫଣ୍ଡ ଠକେଇ, ଦାନ ମାଝୀ, ନଗଡ଼ା, ମାଲକାନଗିରି ଓ କଟକ ଶିଶୁ ମୃତ୍ୟୁ ଘଟଣା ଓଡ଼ିଶାର ଭାବମୂର୍ତିରେ ଆଂଚ ଆଣିଥିବା କୁହାଯାଇପାରେ। ଓଡ଼ିଶାର ବିକାଶ କେମିତି ଚାଲିଛି, ଏସବୁ ତା'ର ଉଦାହରଣ ମାତ୍ର। ଛଅ ବର୍ଷ ତଳେ ନରେନ୍ଦ୍ର ମୋଦିଙ୍କ ସରକାର କେନ୍ଦ୍ରୀୟ ଶାସନ ଦାୟିତ୍ୱ ନେବା ପରଠାରୁ ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାର ଦୃଷ୍ଟି ଦେବା ଆରମ୍ଭ କରିଥିଲେ। ଉପା ସରକାର ତୁଳନାରେ ମୋଦିଙ୍କ ନେତୃତ୍ୱାଧୀନ ଏନଡ଼ିଏ ସରକାର ଅନେକ ଗୁଣ ଅନୁଦାନ ଦେଉଛନ୍ତି ଓଡ଼ିଶାକୁ। ମୋଦି ସରକାର ଆସିବା ପରେ ଓଡ଼ିଶାର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କା ଆସୁଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଦୀନ ଦୟାଲ୍ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନା, ମନରେଗା ଯୋଜନା, ଶ୍ୟାମା ପ୍ରସାଦ ମୁଖାର୍ଜୀ ମିସନ୍, ଉଜ୍ଜ୍ୱଳ ଯୋଜନା, ଗ୍ରାମାଂଚଳରେ ବିଜୁଳି ସଂଯୋଗ, ଦୀନ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା ଆଦିରେ ପର୍ଯ୍ୟାପ୍ତ ଅନୁଦାନ ଆସିଛି। ୬୦% ରୁ ଅଧିକ ଗାଁରେ ଶୌଚାଳୟ ନିର୍ମିତ ହୋଇଛି। କୋଇଲା ବଂଟନ କ୍ଷେତ୍ରରେ ନିୟମ ପରିବର୍ତନ ଯୋଗୁ ରାଜ୍ୟକୁ ବହୁ ଅଧିକ ରାଜସ୍ୱ ମିଳିବାର ସୁଯୋଗ ସୃଷ୍ଟି ହୋଇଛି। ବ୍ରହ୍ମପୁରରେ ଆଇଜର ଓ ସମ୍ବଲପୁରରେ ଆଇଆଇଏମ୍ ପ୍ରତିଷ୍ଠା ହୋଇଛି। କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଏମ୍‌ସିଏଲ୍ ଦ୍ୱାରା ତାଳଚେର ଓ ଏନ୍‌ଟିପିସି ଦ୍ୱାରା ସୁନ୍ଦରଗଡ଼ରେ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ହେବ। ସେହିପରି ୬୦% ରୁ ଉର୍ଦ୍ଧ୍ୱ ଘରେ ରୋଷେଇ ଗ୍ୟାସ୍ ପହଂଚା ଯାଇଛି। ଓଡ଼ିଶାରୁ ବିଜେପିର ୮ ଜଣ ଲୋକସଭାକୁ ଯାଇଛନ୍ତି। ୨ଜଣ ଓଡ଼ିଆ କେନ୍ଦ୍ରୀୟ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଧର୍ମେନ୍ଦ୍ର ପ୍ରଧାନ (ମଧ୍ୟ ପ୍ରଦେଶରୁ ରାଜ୍ୟସଭା ସଦସ୍ୟ) କ୍ୟାବିନେଟ୍ ମନ୍ତ୍ରୀ ପଦ ପାଇଥିବାବେଳେ ପ୍ରତାପ ଷଡ଼ଙ୍ଗୀ ରାଷ୍ଟ୍ରମନ୍ତ୍ରୀ ପଦ ପାଇଛନ୍ତି। ଏହା ମଧ୍ୟ ଓଡ଼ିଶାରେ ଭାଜପାର ସ୍ଥିତିକୁ ମଜଭୁତ କରିବାରେ ସହାୟକ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଦେଶବାସୀଙ୍କୁ ମୁଗ୍ଧ କରିଛି। ବାସ୍ତବତା ଦେଖାଗଲେ, ଓଡ଼ିଶାର ଅର୍ଦ୍ଧାଧିକ ମତଦାତା ଭିତିରିଆ ବିଜେପି ସମର୍ଥକ। କିନ୍ତୁ ଓଡ଼ିଶା ବିଧାନସଭା ନିର୍ବାଚନରେ ବିଜେପି ସଂ'ଳ ହୋଇପାରୁ ନାହିଁ। ମୋଦିଙ୍କ ହାୱା ସତ୍ୱେ ୨୦୧୪ ଓ ୨୦୧୯ ବିଧାନସଭା ନିର୍ବାଚନରେ ବିଜେପି କାହିଁକି ବିଫଳ ହେଲା, ସେଥିନେଇ ବିଜେପି ସମର୍ଥକ ମାନଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଜେପି କ୍ଷମତା ଦଖଲ ପାଇଁ କ'ଣ ସେଭଳି ଉଦ୍ୟମ କଲାନାହିଁ ? ବିଜେପି ଅନେକ ବିକାଶ ମୂଳକ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତା ମାନେ ପ୍ରତ୍ୟାଖାନ କରୁଛନ୍ତି କାହିଁକି ? ତେବେ ଭୋଟ୍ ପରିଚାଳନାଗତ ତ୍ରୁଟି ଯୋଗୁ ଯୁବ ଗୋଷ୍ଠୀର ଭୋଟ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଗଲା ବୋଲି ରାଜନୀତିକ ସମୀକ୍ଷକ ମାନେ ମତ ଦେଇଥିଲେ। ଅନ୍ୟ ପକ୍ଷରେ ଦଳର କିଛି ଖାସ୍ ସମର୍ଥକ ଓ ଶୁଭେଚ୍ଛୁଙ୍କୁ ଗୁରୁତ୍ୱ ଦିଆଯିବାର ଥିଲା। ବିଜେଡ଼ି ବିରୋଧରେ ଗଦା ଗଦା ଅଭିଯୋଗ ଥାଇ ମଧ୍ୟ ବିଜେପି ଫେଲ୍ ମାରିବା ଆଶ୍ଚର୍ଯ୍ୟର କଥା। ନିର୍ବାଚନ ପୂର୍ବରୁ ବିଜେପି ଦଳ ଓ ବିଜେପି ସରକାରଙ୍କ ଦ୍ୱାରା କୋଟିକୋଟି ଟଙ୍କାର ବିଜ୍ଞାପନ ଦିଆଯାଇ ମତଦାତାଙ୍କୁ ବିଜେପି ପ୍ରତି ଆକର୍ଷିତ ପାଇଁ ଚେଷ୍ଟା କରାଯାଇଥିଲା। ଅନ୍ୟପକ୍ଷରେ ଉଦ୍ଦେଶ୍ୟ ମୂଳକ ଭାବେ କିଛି ଗଣମାଧ୍ୟମକୁ ବିଜ୍ଞାପନ ଦିଆଯାଇନଥିବା ଅଭିଯୋଗ ହୋଇଥିଲା। ସେ ଯାହାହେଉ ଓଡ଼ିଶାରେ ବିଜେପିର ନିର୍ବାଚନ ନେତୃତ୍ୱ ନେଉଥିବା ନେତାମାନେ ସଫଳ ହୋଇ ପାରିନଥିଲେ। ରାଜନୀତିକ ଜ୍ଞାନରେ ନିପୁଣ ଓ ଲୋକପ୍ରିୟ ନେତାମାନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବାର ଆବଶ୍ୟକତା ଥିଲା ବୋଲି ରାଜନୀତିକ ବିଶେଷଜ୍ଞ ମାନେ ମତ ଦେଇଥିଲେ।

୨୦୧୯ ମସିହା ମଇ ୩୦ ତାରିଖରେ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ସଂସଦର ପ୍ରଥମ ଅଧିବେସନ ବେଳେ ଧନ୍ୟବାଦ୍ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। କେତେକ ବିଜୟୀ ସାଂସଦ ଧନ୍ୟବାଦ୍ ପ୍ରସ୍ତାବ ଉପରେ ନିଜର ଭାଷଣ ଦେଲେ। ଯେତେବେଳେ ଓଡ଼ିଶାର ନବ ନିର୍ବାଚିତ ସାଂସଦ ପ୍ରତାପ ଷଡ଼ଙ୍ଗୀ(ନନା) ନିଜର ଅଭିଭାଷଣ ପାଇଁ ମଂଚକୁ ଆସିଲେ, ଉପସ୍ଥିତ ନେତାମାନେ ଏପରିକି ଓଡ଼ିଶାର ଅଧିକାଂଶ ଲୋକେ ମଧ୍ୟ ତାଙ୍କର ଭାଷଣ ପ୍ରତିଭା ସଂପର୍କରେ ଜାଣିନଥିଲେ। ମାତ୍ର ତାଙ୍କର ଇଂରାଜୀ, ହିନ୍ଦି, ଓଡ଼ିଆ, ବଙ୍ଗଳା ଓ ସଂସ୍କୃତ ଭଳି ୫ଟି ଭାଷାରେ ଓଜସ୍ୱିନୀ ଭାଷଣ ସମସ୍ତଙ୍କୁ ଅଭିଭୂତ କରି ଦେଇଥିଲା। ସେ ନିଜ ଭାଷଣରେ ଏପରି ପ୍ରସଙ୍ଗ ଉଠାଇଥିଲେ, ଯାହା ଶୁଣି ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ଉପସ୍ଥିତ ସମସ୍ତେ ଅତ୍ୟନ୍ତ ଖୁସି ହୋଇଥିଲେ। ବାସ୍ତବରେ କେବଳ ସେ ଜଣେ ସଫଳ ରାଜନେତା କି ସୁସଂଗଠକ ନୁହନ୍ତି, ବରଂ ସେ ପ୍ରବଚନ ଜଗତ ପାଇଁ ଜଣେ ଜ୍ଞାନୀ ଓ ଧୂରୀଣ ବ୍ୟକ୍ତି ବୋଲି ଜଣାପଡ଼ିଥିଲା। ସବୁବେଳେ ନନା ଲାଗନ୍ତି ନିର୍ଲିପ୍ତ ସନ୍ୟାସୀଟିଏ ଭଳି ! ଈଶ୍ୱରୀୟତାର ପ୍ରଲେପ ସ୍ପଷ୍ଟ ବାରି ହୋଇଯାଏ ତାଙ୍କ ଭିତରେ ! ହୁଏତ ସେ ଜୀବନର ଆରମ୍ଭରୁ ବୁଝିଛନ୍ତି ମଣିଷ ଜନ୍ମ ଓ ଜୀବନର ବାସ୍ତବ ଉଦ୍ଦେଶ୍ୟ, ମଣିଷ ଭିତରର ଭାବଅଭାବ ଏବଂ ଆବଶ୍ୟକତାକୁ ! ଜଣାପଡ଼ନ୍ତି ଯେମିତ ସେ ଲୋଭ, ମୋହ, ମାୟା, ବିଳାସର ବହୁ ଉର୍ଦ୍ଧ୍ୱରେ ! ସ୍ଥିତପ୍ରଜ୍ଞ ସାଧୁଟିଏ ଭଳି ! ତାଙ୍କ ଠାରେ ଦେଖାଯାଏ ନାହିଁ କୌଣସି ସ୍ୱତନ୍ତ୍ର ବେଶପୋଷାକ, ଚାଲିଚଳନୀ କି ଆଭିଜାତ୍ୟ ! ତାଙ୍କର ସାଧାରଣ ପୋଷାକ, ଚାଲିଚଳନୀ ଓ କଥାବାର୍ତା ଭିତରେ ଲୁକ୍‌କାୟୀତ ମାନବୀୟ ଭାବ ଓ ଗୁଣ ଆକର୍ଷିତ କରେ ସାଧାରଣ ଲୋକଙ୍କୁ ଏବଂ ଅଭିଭୂତ ହୋଇଯାଆନ୍ତି ସମସ୍ତେ। ସାଧାରଣ ଲୋକଙ୍କ ସହିତ ନନାଙ୍କର ମିଳନ ସମୟର ଦୃଶ୍ୟ ସ୍ୱଚକ୍ଷୁରେ ଦେଖିଲେ, ଜାଣି ହେବ ଜଣେ ନେତା ଓ ସାଧାରଣ ମଣିଷ ଭିତରର ବାସ୍ତବ ସଂପର୍କର ରହସ୍ୟକୁ !

ଓଡ଼ିଶାରେ ବିଜେପି ଶାସନ ଗାଦିକୁ ଆସିବାକୁ ହେଲେ, ପ୍ରତାପ ଷଡ଼ଙ୍ଗୀଙ୍କ ଭଳି ରାଜନୀତିକ ଜ୍ଞାନରେ ନିପୁଣ ତଥା ଦୃଢ଼ ନେତୃତ୍ୱର ଆବଶ୍ୟକତା ରହିଥିବା ବିଭିନ୍ନ ମହଲରେ ମତପ୍ରକାଶ ପାଉଛି। ଅନ୍ୟଥା ଓଡ଼ିଶାରେ ବିଜେପି ଡ଼ଙ୍ଗା ବୁଡ଼ି ନଯାଉ ବୋଲି ଚର୍ଚ୍ଚା ହୋଇ ଆସୁଛି। ଓଡ଼ିଶାରେ ବିଜେପି ଧୀରେ ଧୀରେ ଆଗକୁ ମାଡ଼ି ଚାଲିଥିଲେ ମଧ୍ୟ ଦୃଢ଼ ନେତୃତ୍ୱ ଅଭାବରୁ ଦଳ ମଜଭୁତ ହୋଇ ପାରୁନଥିବା ଚର୍ଚ୍ଚା ହେଉଛି। ଜାତୀୟ ରାଜନୀତି କ୍ଷେତ୍ରରେ ମଧ୍ୟ ପ୍ରତାପ ବାବୁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ନେଲେଣି। ହୁଏତ ଆଜି ପର୍ଯ୍ୟନ୍ତ ଜାତୀୟ ରାଜନୀତିରେ ପରିଚିତ ଅଳ୍ପ କେତେଜଣ ଓଡ଼ିଆଙ୍କ ଭିତରେ ପ୍ରତାପ ବାବୁ ଅନ୍ୟତମ। ସେହିପରି ଦଳୀୟ ସଭାପତି ସମୀର ମହାନ୍ତିଙ୍କ ଭଳି ବିଜେପିର କେତେକ ଆଗ ଧାଡ଼ିର ତୁଙ୍ଗ ନେତା ମଧ୍ୟ ନିଜର ପ୍ରଚଣ୍ଡ ରାଜନୀତିକ କରିସ୍ମା ବଳରେ ସାଧାରଣ ଲୋକଙ୍କ ନିକଟତର ହେବାରେ ଲାଗିଛନ୍ତି। ଦଳୀୟ ନେତା ମାନଙ୍କର ନିଷ୍ଠାପର କାର୍ଯ୍ୟ ରାଜ୍ୟରେ ବିଜେପି ସଂଗଠନକୁ ମଜଭୁତ କରାଇବାରେ ନିଶ୍ଚୟ ସହାୟକ ହେବ। ହୁଏତ ଆସନ୍ତା ନିର୍ବାଚନରେ ସାରା ଓଡ଼ିଶାକୁ ପଦ୍ମରେ ସଜେଇ ଭାଜପା ଇତିହାସ ରଚିବା ଅସମ୍ଭବ ନୁହେଁ।

# ଚାକିରି କରିବ ପୁଲିସ, ମାଛ ଖାଇବ ଇଲିଶି

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଚୋର ଅର୍ଥ, ଅନ୍ୟର ଶ୍ରମରୁ ଅର୍ଜିତ କରିଥିବା ଅର୍ଥକୁ ଲୁଟ କରିବା ବ୍ୟକ୍ତି। ଏଥିରେ ରାଜ କୋଷାଗାରର ଅର୍ଥ, ପ୍ରଜାଙ୍କର ଗୃହରେ ଗଛିତ ଥିବା ଅର୍ଥ ପ୍ରଜା ହୁଅନ୍ତୁ ବା ତାଙ୍କର ପୁଅଝିଅ ଯେ ଭୋଟର ହୋଇ ନାହାଁନ୍ତି। ଭବିଷ୍ୟତକୁ ଭୋଟର ହେବେ ସେମାନଙ୍କ ଠାରୁ ବି ଲୁଟ କରାଯାଏ। ଶିଶୁଟିଏ ତାର ଅଙ୍ଗରେ ଥିବା ଅଳଙ୍କାର ତାର ନାମରେ ଜମାଥିବା ଅର୍ଥ ତାର ଭବିଷ୍ୟତ ସମ୍ପତି ବି ଲୁଟ ହୁଏ। ଚୋର ଅନେକ ପ୍ରକାର ଚୋରୀ ଅନେକ ପ୍ରକାର ଚୋର ଭୟ ନାଶ ପାଇଁ ଲୋକେ ନିରାପତା ପାଇଁ ନିଜେ ନିଜେ ସ୍ୱୟଂ ଗୃହରେ ଜାଗ୍ରତ ରହିବା ପାଳି କରି ଜଗି ରାତ୍ରୀ ପୁହାଇବା ରହିଥିଲା। ଏଥିପାଇଁ ଶୟନ ନିଶାକୁ ବଦଳାଇ କେହି ବାହାରକୁ ବାହାରିବା ପଥ ଘର ରନ୍ଧ୍ରକରି ଘର ଭିତରେ, ବଡ଼ ପାଟିରେ ପୁରାଣ ପାଠ, ଶାସ୍ତ୍ର ଅଧ୍ୟୟନ କରୁଥିଲେ ନିଶାପ୍ରଦ କଉଡି ଖେଳ ପଶା, ପରି ଖେଳ ଖେଳି ଏକ ଆମୋଦପୂର୍ଣ୍ଣ କୋଳାହଳରେ ଜାଗ୍ରତ ରହୁଥିଲେ ଚୋର ମାନେ ଜାଗ୍ରତ ଚେତନାଶୀଳ ପରିସ୍ଥିତି ଜାଣିଲେ ଚୋରି କରିବାକୁ ସାହାସ କରନ୍ତି ନାହିଁ। ପୁଣି ଜଣକୁ ଜଣେ ବା ପ୍ରତିବେଶୀ ସହାୟକ ସହିତ ଏକ ଜନରବକୁ ଅନ୍ୟମାନେ ସାହାଯ୍ୟ ପାଇଁ ଧାଇଁ ଆସିଲେ ଚୋରର ଆଶୁଦଣ୍ଡରେ ଦଫାରଫା ହୋଇପାରେ। ଏଥିପାଇଁ ଚୋର ମାନେ ଆତ୍ମରକ୍ଷା ପାଇଁ ଅସ୍ତ୍ରଶସ୍ତ୍ର ଲଙ୍କାଗୁଣ୍ଡ ପରି ଅବଲମ୍ବନର ଆଶ୍ରାରେ ଥାନ୍ତି।

ଗତିବିଧି, ଠଉରାଇ ଚୋରୀ କରିବାକୁ ଠାଉରିଆ ଚୋରୀ କୁହାଯାଏ। ଦିବା ମିତ୍ରତା ବା ବହୁଦିନ ବୋଲକରା ପ୍ରିୟ ସମ୍ବନ୍ଧ ରଖି ଧନ ଦୌଲତର ଠିକଣା ଜାଣି ପରେ ବିଶ୍ୱାସରେ ବିଷ ଦେଇ ଚୋରୀ କରାଯିବା ଜଣାପଡ଼େ। 'ପଂଚତନ୍ତ୍ର' ପୁସ୍ତକରେ ଜରଦଗବ ଶାଗୁଣା ଦୀର୍ଘକର୍ଣ୍ଣ ବିଡାଳ ଉପାଖ୍ୟାନ ଅଛି। ଏଥିରେ ଚୈନ୍ଦିଦାରକୁ କେମିତି ଚୋର କରି ଚୋର ଚାଲିଯାଏ ଏଥିରେ ତାର ସୁନ୍ଦର ବୟାନ ଅଛି। ବେଳେ ବେଳେ ସତରେ ଚୌକିଦାର ଚୋର ହୋଇଥାଏ। ଆମର ବିରାଟୀ ବୈଷ୍ଣବେ ଉପାଖ୍ୟାନ ଅଛି। ଅନେକ ଯୁଦ୍ଧ ମଧ୍ୟରେ 'କବିଯୁଦ୍ଧ' ଏକ ଯୁଦ୍ଧ ଅଛି ଏଥିରେ ଯାତ୍ରାରୋବରେଳି ମେଳାରେ ଯାନବାହାନ ସିନେମାହଲରେ କେହି କହିବା ବୁଝାପଡ଼େ ପକେଟମାରୁକୁ ସାବଧାନ ବା ସେଠାରେ ସାଇନବୋର୍ଡ଼ ଏପରି ଲେଖା ଦେଖିବାକୁ ମିଳେ, ଏଥିରେ କର୍ଣ୍ଣପାତ ଦୃଷ୍ଟିପାତ ମାତ୍ରେ ସ୍ୱ ସ୍ୱ ଅର୍ଥ ରଖିବା ସ୍ଥାନକୁ ଲୋକେ ଅତରଛରେ ଦରାଣ୍ଡି ପକାନ୍ତି ଏଥିରେ ପ୍ରକୃତ ଚୋର ପକେଟମାର ନଜର କରି କି ବୁଦ୍ଧି କଲେ ଏ ଅର୍ଥ ହାତ ଛପେଇ କରି ନେଇ ହେବ ତାର ଯୋଜନା କରନ୍ତି। ଅକଳିରେ ପକାଇ ଅନେକ ଲୁଟ ମୋକା ପାଆନ୍ତି। ଫଳ ପନିପରିବା ଚାଷୀ କେତେ ଜଗିବେ। ମାଛ ପୋଖରୀ କଣ ସର୍ବଦା ନଜରରେ ରହିବ ? ଘର ଭିତରେ ସର୍ବଦା ଝରକା କବାଟ ରନ୍ଧ୍ର କରି ରହିହେବ। ଏହାର ଗଫଲତିରେ ଚୋର ତାର କାରନାମା କରେ। ଯୌବନ ଯୁବତୀଙ୍କର ଯେତେବେଳେ ଆସେ ଠିକ୍ ସେତିକିବେଳେ ଲୁଟ ହେବା ଅବସ୍ଥା ବି ଉଦୟ ହୁଏ। ବିଭିନ୍ନ ପ୍ରକାର ଚାଟୁବାକ୍ୟ ସହାୟକର ହାତ ବଢ଼ାଇ ଯୁବତୀଙ୍କୁ ଛଳନାରେ ସର୍ବଦା ଲୁଟ କରାଯାଏ। ପୁଣି ଏକାନ୍ତରେ ଅବଳାର ଦୁର୍ବଳ ବେଳା ଦେଖି ବଳାତ୍କାର କରି ମହାଲୁଟ କରାଯାଏ। ଏସବୁ ଏକ ଏକ ଚୋରୀ ନଜିର, ମାତ୍ର ଚକ୍ଷୁଥାଇ ଅନ୍ଧ କରି ଚୋରୀ କରାଯାଏ। ଚୋରକୁ ନିରୁପାୟ ହୋଇ ସଲାମ କରି ଧନ ଯୌବନ ସମ୍ପଦ ବି ଦେବାକୁ ହୁଏ। ଏମିତିକା ଜାଲ ଚୋର ବିଛାନ୍ତି ସେଥିରେ ନୀରିହ ପଡ଼ନ୍ତି ପୁଣି ସେଥିରେ ସହାୟକ କେହି ନଥାନ୍ତି। ବିଭିନ୍ନ ରାଜକାର୍ଯ୍ୟରେ କର୍ମଚାରୀ ପ୍ରଜାଙ୍କର କାମ ପାଇଁ ମଜୁରୀରେ ମୋଟା ଦରମା ପାଆନ୍ତି ମାତ୍ର ଫାଇଲର କାର୍ଯ୍ୟକୁ ଏମିତି ଛଳନାରେ କରନ୍ତି ଯହିଁରେ କିଛି ଅର୍ଜନ ପାଇଁ କାର୍ଯ୍ୟକୁ ଆସିଥିବା ବ୍ୟକ୍ତି ବାରମ୍ବାର ଦୌଡ଼ି ଦୌଡ଼ି ହତାଶ ହୋଇ ନିରୁପାୟ ହୋଇ ଲାଂଚଞ୍ଚଘୁଷ ଲାଂଚ ଦିଏ। ପରିଚିତ ଉପରବାଲାର ଦ୍ୱାହି ଦେଲେ ଫାଇଲ ମିସ୍ ହେବ କାମ ଏକ ଦିନର ଲାଗିବ ବର୍ଷ ବର୍ଷ ଆହୁରି ଲମ୍ବିବ ସମୟ, ସେ ଅଫିସର ଅଫିସର ମଧ୍ୟ ନିରୁପାୟ ହୋଇପାରନ୍ତି। ଏ ଚୋରୀ ହେବା ସମସ୍ତେ ଜାଣନ୍ତି ମାତ୍ର ଏ ପାଇଁ ଏ ପର୍ଯ୍ୟନ୍ତ ସାଧପଥ ନାହିଁ। ଶତକଡ଼ା ୯୯.୯୯ ଭାଗ ସୁନାରେ ଅଳଙ୍କାର କରାଯାଇ ନପାରେ ଏହା ୨୪ କ୍ୟାରେଟର ସୁନା ଏଥିରେ ୨ କ୍ୟାରେଟ ଖାଦ ମିଶାଇବା ଦ୍ୱାହି ସମସ୍ତେ ଦିଅନ୍ତି। ସୁନାଟି ଲୁଚାଇ ଲୋକେ କିଣନ୍ତି। ଏ ଚୋରିଷ୍ଠା କାର୍ଯ୍ୟକୁ ଆହୁରି ସ୍ୱାହା ଚୋରୀ ୧୬-୧୭ କ୍ୟାରେଟର ସୁନାକୁ ୨୨ କ୍ୟାରେଟ ଷ୍ଟାମ୍ପ କ୍ରୟ ଦ୍ରବ୍ୟ ଅନ୍ୟତ୍ର ସାଥି କରାଯାଏ ନାହିଁ ଆବଶ୍ୟକ ବହୁପରେ ତାପରେ ଜାଣିଲେ ବି ଉପାୟ ନଥାଏ। ଏମିତି ଚୋରୀ ପାଇଁ ଉପାୟ କାହାର, ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ନାମଜାଦା ଚୋରମାନେ ଡାକି ବଜାରୀ ଚୋରୀ କରନ୍ତି। କୁହେଳି କରିବା ବିଦ୍ୟାରେ ଏମାନେ ହୁଏତ ଧୁରୀଣ। ଆମ କଟକରେ ବିହାରୀ ନାୟକ ବୋଲି ଜଣେ ଚୋର ଥିଲା। ସେ ଏପରି କରିବା ଶୁଣାଯାଏ। ମାତ୍ର ଏ ଚୋରମାନେ କାୟା ବିସ୍ତାର ଭିନ୍ନ ରୂପରେ ଏବେ ହୋଇଗଲେଣି। ପାଟି ଚାନ୍ଦା, ଦାଦାବଟି, ପ୍ରକାଶ୍ୟରେ ନେଉଛନ୍ତି ଏମାନଙ୍କର ପ୍ରକୋପ ଏତେ ଯେ ଏଥିରେ ମୂଳଠାରୁ ଚୁଳଯାଏ ସମସ୍ତେ ଜାଣନ୍ତି ମାତ୍ର ସମସ୍ତେ ଦେଖାଣାହାରୀ ଯେମିତି ସେମାନେ ଘଟଣାକୁ ପ୍ରଥମେ ଶୁଣୁଛନ୍ତି ତାପାଇଁ ଦେଖିବା କହି କାଳକ୍ଷେପଣ, ଆକ୍ରାନ୍ତ ପାଇଁ ଆଉକିଛି ସାନ୍ତ୍ୱନା ନାହିଁ। ଅନ୍ୟର ଅଧିକାର କ୍ଷୁର୍ଣ୍ଣ କରି ଆୟ କରିବା ରାଜକର ରାଜଦଣ୍ଡର ଦ୍ୱାହିରେ ନିଜର ପକେଟକୁ ଅର୍ଥ ଆସିବା ବିଷୟ ଚିନ୍ତା କରିବା, ମାଟ୍ରିକ ପରୀକ୍ଷାରେ କପି ଚଳନୀୟ ନୁହଁ ମାତ୍ର ଡକ୍ଟରେଟ ହାସଲ ପାଇଁ ବିଭିନ୍ନ ବହିର ନାମ ଉଦ୍ଧାର କରି ଥେସିସ୍ ଲେଖିବା ଏକ ମାମଲାରେ ଅନ୍ୟ ସେପରି ରାୟର ନଥି ସଂଯୋଗ କରି ଆଇନର ରାୟ ଦିଗକୁ ସବଳ କରିବା। ଏପରି ହେବା ବୁଝାପଡ଼େ ଏଥିରେ ଦିଗ ଗୁଡ଼ିକ ସମ୍ମାନନୀୟ ପଥ ଧରାଯାଉଛି। ଏକାପରି ଧାରାରେ ବଡ଼ ବଡ଼ କାର୍ଯ୍ୟ ହାସଲ ଚାଲିଛି। ଏପାଇଁ ସବସେ ଚୁପ ଭଲ କୁହାଯାଉଛି। ବୁଦ୍ଧି ଶାଣିତ ନ ହେଲେ କପି ବିଦ୍ୟା ଅପମାନିତ ଦିଗକୁ ଚାଲି ଯାଉଛି। କପି ବିଦ୍ୟା ହିଁ ଚୋରୀ ବିଦ୍ୟାରେ ଗଣାଯାଇଥାଏ।

ଚିତ୍ରଗୁପ୍ତ କରଣ ଅର୍ଥ ରାଜନଥି ଲିପିକାର। ଏମାନେ ଅସନ୍ତୋଷ ଅର୍ଥ ଶନିଦଶା ପ୍ରବେଶ। ପାପ କରିବା ଅର୍ଥ ଧର୍ମବିଧି ରାଜବିଧି ଲଙ୍ଘନ, ପୁଣ୍ୟ କରିବା ଅର୍ଥ ବହୁଜନ ହିତାୟଃ, ଧର୍ମବିଧି, ରାଜବିଧିର ସପକ୍ଷ, ଏଥିରେ ଚିତ୍ରଗୁପ୍ତ ନାଚାର। ଭଲ ଲେଖିବାକୁ ବାଧ କାରଣ ଦେବଚକ୍ଷୁ ତା ଉପରେ ରହିଥାଏ। ସନ୍ୟାସୀମାନେ ଗୃହୀ ଠାରୁ ଏବେ ବଡ଼ ସଂସାରୀ ଉତମ ଭୋଜନ, ଉତମ ପୋଷାକ, ଉତମ ଯାନ, ଉତମ ବାସଗୃହରେ। ଏସବୁ କେମିତି ସମ୍ଭବ। ତଥାକଥିତ ଶିଷ୍ୟମାନେ ଭୁଲକାମକୁ କେମିତି ଠିକ୍ କରିବେ ଏ ଭାବନା ପାଇଁ ତାଙ୍କର କଳା ଆୟର ଭାଗ ବଂଟନରୁ ଏ ଅବସ୍ଥା ଉପୁଜୁଛି। ଅବଶ୍ୟ ସିଦ୍ଧ ଅଛନ୍ତି ସେ ତାଙ୍କ ବିଭୁତି ବଳରେ ନ ହେବା କାର୍ଯ୍ୟ କରାଇପାରନ୍ତି। ଗ୍ରହ ମାନଙ୍କର ଚାରି ପ୍ରକାର ନିତିରେ ଭାଗ ଅଛି। ତିନି ପ୍ରକାର ଗୁଣରେ ଭାଗ ଅଛି। ହାତର ରେଖା ହାତ ଦ୍ୱାରା ଖରାପ କାର୍ଯ୍ୟ, ଭଲକାର୍ଯ୍ୟରେ ବଦଳୁଛି, ସ୍ୱ ସ୍ୱ କର୍ମମୟ ପରିସ୍ଥିତିର ବାଧା ପାଇଁ ନିଜର ଆଚରଣ ଓ ରାଜକାନୁନକୁ ଖୋଜି ଏପରି ଆଚରଣ ବଦଳ ଓ ରାଜାକାନୁନକୁ ମାନିଲେ ଘଟଣା ସପକ୍ଷରେ ଆସିବ। ତାମସିକ ଗୁଣ ରାଜସିକ ଗୁଣ ଚାଡ଼ିଲେ ସଂସାରରେ ସମସ୍ତେ ବନ୍ଧୁ ମାତ୍ର ସେ ଗୁଣ ଧରି ସମସ୍ତେ ଶତ୍ରୁ ବୋଧ ହୁଅନ୍ତି। ସୁନା ପ୍ରମାଣ ନ ହେବା ଯାଏ, ସୁନା ଡାକରେ ଆସେନାହିଁ। ସୁନା ପାଇଁ ଅଗ୍ନି ଏସିଡ଼ ପରୀକ୍ଷା ତାପରେ ବୁରେଟ ପିପେଟ ଟେଷ୍ଟ ଏମିତି କେତେ ଜଞ୍ଜାଳ ପରେ ସୁନା ପୁଣି ମୂଲ୍ୟାୟନକୁ ଚିହ୍ନଟକୁ ଆସେ ନ ହେଲେ ସେ ପର୍ଯ୍ୟନ୍ତ ତାହା ଦେଖିବାକୁ ସୁନାପରି ପିତଳ ସୁନା ରଙ୍ଗ ଏକାପରି କଲେଇ ରଙ୍ଗିଆ ନକଲି ସୁନା, ଆମାଲଗାମ ପଦ୍ଧତିରେ ସୁନା ଯେକୌଣସି ଧାତୁରେ ପୁଟ ଦେଇ କରି ହେବ। ଏ ପାଇଁ ଚୋରୀମାନେ ଚୋର ଠାରୁ ସିଜ ହେଲେ ବି ପୋଲିସ ବାବୁମାନେ ମାଲରେ ସୁନା ପରି ଦୃଶ୍ୟ ଧାତୁ ଦ୍ରବ୍ୟ ତାର ଓଜନ ସହିତ ଲିଷ୍ଟ କରନ୍ତି ତାଙ୍କ ବାଣୀ ସୁନା ସାର୍ଟିଫିକେଟରେ ନଥାଏ। ସେ ପେନାଲକୋର୍ଟ ଲଗାନ୍ତି ହେଲେ ଅଦାଲତରେ ଓକିଲ ବାବୁମାନେ ଯୁକ୍ତିକରି କୋର୍ଡ ଗୁଡ଼ିକୁ ଭ୍ରମରେ ଲଗାଯିବା ବୃଥା ଲଗା, ସର୍ବଦା ଜାହିରିକରି ଅଭିଯୁକ୍ତକୁ ମୁକ୍ତ କରିଦିଅନ୍ତି। ପୁଣି ଏପରି କୋର୍ଡ ପୋଲିଶ ଥାନାରେ ଲଗାଯାଏ ଅଭିଯୁକ୍ତ ଜୀବନରେ ବହୁବର୍ଷ ଜେଲରେ କଟିପାରେ ଯଦି ଅପରାଧିର ଲୋକବଳ ପୋଲିସଙ୍କୁ ଧମକ ଚମକ ପଦବୀର କାରନାମା ଦେଖାନ୍ତି ଓ ଅପରାଧି ପ୍ରକୃତ ବିପଦପୂର୍ଣ୍ଣ କାର୍ଯ୍ୟ ବାରମ୍ବାର କରୁଛି ତାର କଥା ନିଅରାରେ ରଖାଯାଏ। ସେ ଭୋଗି ପାରେ। ମାତ୍ର ଅନେକ ସମୟରେ ଅପର କଥାରେ ସ୍ୱାର୍ଥ ରଖି ବୃଥା ଦଣ୍ଡ କରିଦିଆଯାଏ ଏଥିରେ ଏପାଇଁ କୁହାଯାଇଛି ଚାକିରି କରିବ ପୁଲିସ, ମାଛ ଖାଇବ ଇଲିଶି। ଏକଥା ମୋଗଲ ମରହଟ୍ଟା ବ୍ରିଟିଶ ଶାସନରେ ଥିଲା ଏବେ କମ ହେଲେ ବି ପୁରା ସଂସ୍କାର ହୋଇନାହିଁ।

# ଜନ୍ମ ହେଲେ ଯମଜ ଶିଶୁ କନ୍ୟା, ହେଲେ ବୟସରେ ବର୍ଷେ ପାର୍ଥକ୍ୟ !



ଅନେକ ସମୟରେ ଶୁଣିଥିବେ କି, ଦୁଇ ଯମଜ ଭାଇ ବା ଭଉଣୀଙ୍କର ଜନ୍ମଦିନ ଦୁଇଟି ଅଲଗା ଅଲଗା ମାସରେ ପଡ଼ିଥାଏ। କିନ୍ତୁ ଆଜି ଆମେ ଆପଣଙ୍କୁ ଯାହା କହିବାକୁ ଯାଉଛୁ, ଏଥିରେ ଦୁଇ ଯମଜ ଭଉଣୀଙ୍କ ଜନ୍ମଦିନ ଅଲଗା ମାସରେ ନୁହେଁ, ଅଲଗା ଅଲଗା ବର୍ଷରେ ହୋଇଛି। ଉକ୍ତ ଘଟଣାଟି ଆମେରିକାର ଟେକ୍ସାସରେ ଘିଟିଛି। ଏଠାରେ କେଲି ଜୋ ଓ କ୍ଲିଫ୍‌ଙ୍କର ଯାଆଁଳା ଝିଅ ଦୁଇଟି ଅଲଗା ବର୍ଷରେ ଏବଂ ଦୁଇଟି ଅଲଗା ତାରିଖରେ ଜନ୍ମ ହୋଇଥିଲେ। ଏହି ବିଷୟରେ ଜାଣୁଥିବା ଲୋକେ ବି ଆଶ୍ଚର୍ଯ୍ୟ ହେଉଛନ୍ତି। କେଲି ଜୋ ନିଜର ଯମଜ ଶିଶୁ କନ୍ୟାଙ୍କ ନାଁ ଏନି ଜୋ ଓ ଏଫି ରୋଜ୍ ରଖିଛନ୍ତି। ସେମାନଙ୍କ ମଧ୍ୟରେ ଏନି ଜୋଙ୍କର ଜନ୍ମ ୩୧ ଡିସେମ୍ବର ୨୦୨୨ ରାତି ୧୧ଟା ୫୫ ମିନିଟ୍‌ରେ ହୋଇଥିବା ବେଳେ ଅନ୍ୟ ଶିଶୁ କନ୍ୟାଙ୍କର ଜନ୍ମ ୧ ଜାନୁୟାରୀ ୨୦୨୩ରେ , ୧୨ଟା ୧ ମିନିଟ୍ରେ ହୋଇଥିଲା। କେଲି ଜୋ ଏହି ଖୁସିକୁ ଫେସବୁକ୍ରେ ସେୟାର କରିଛନ୍ତି । ସେ ନିଜର ଶିଶୁ କନ୍ୟା ଓ ପତିଙ୍କର ଫଟୋ ପୋଷ୍ଟ କରିଛନ୍ତି। ନିଜର ପୋଷ୍ଟରେ କେଲି ଲେଖିଛନ୍ତି , କ୍ଲିଫ୍ ଓ ମୁଁ ଏହି ଖୁସି ଖବର ବାଣ୍ଟିବା ସହ ବହୁତ ଗର୍ବ ଅନୁଭବ କରୁଛୁ। କେଲି ଉଭୟ ଶିଶୁକନ୍ୟାଙ୍କର ଜନ୍ମ ସମୟ ସେୟାର କରିଛନ୍ତି। କେଲି ନିଜର ପୋଷ୍ଟରେ ଲେଖିଛନ୍ତି , ଉଭୟ ଶୁଶୁକନ୍ୟା ସୁସ୍ଥ ଓ ଠିକ୍ ଅଛନ୍ତି। ତାଙ୍କ ମୁତାବିକ , ଶିଶୁକନ୍ୟା ଦୁଇଜଣଙ୍କର ଓଜନ ୫.୫ ପାଉଣ୍ଡ ଅଛି । କେଲି କହିଛନ୍ତି , ସେ ଓ ତାଙ୍କର ସ୍ୱାମୀ କ୍ଲିଫ୍ ନିଜର ଶିଶୁକନ୍ୟାଙ୍କ ଜନ୍ମରେ ବହୁତ ଅଧିକ ଖୁସି ଅଛନ୍ତି। କେଲି ସିବିଏସ ନ୍ୟୁଜ୍କୁ କହିଛନ୍ତି , ଯେବେ ଦୁଇ ଶିଶୁ ଗର୍ଭରେ ଥିଲେ ତ ଆମେ ସବୁବେଳେ ମଜା କରୁଥିଲୁ। ନିର୍ଦ୍ଦିଷ୍ଟ ସମୟରେ ସେମାନେ ଜନ୍ମ ହେବେ ବୋଲି ଆମର ଅନୁମାନ ଥିଲା । ଆମେ ପରସ୍ପରକୁ କହୁଥିଲୁ କି , ନ୍ୟୁ ଇୟର ଇଭ୍ ବା ନ୍ୟୁ ଇୟରରେ ଏମାନଙ୍କର ଜନ୍ମଦିନ ହୁଅନ୍ତା କି। ଦେଖ ଏମିତି ହିଁ ହୋଇଗଲା।

# ସ୍ୱାସ୍ଥ୍ୟ ପାଇଁ ହିତକାରକ ଛତୁ

ଛତୁ ସ୍ୱାସ୍ଥ୍ୟ ପାଇଁ ହିତକାରକ। ମେଦବହୁଳତା ରୋଗୀଙ୍କ ପାଇଁ ଛତୁ ଅତ୍ୟନ୍ତ ଉପାଦେୟ। ଛତୁ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣ ହୋଇଥାଏ। ଛତୁରେ ଅନେକ ପୋଷକ ତତ୍ୱ ସହ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। ଛତୁର ଅନେକ ଗୁଣ ରହିଛି। ଛତୁରେ ଅନେକ ମହତ୍ୱପୂର୍ଣ୍ଣ ମିନେରାଲ ଓ ଭିଟାମିନ୍ ରହିଛି। ଏଥିରେ ଭିଟାମିନ୍ ବି, ଡି, ପୋଟାସିୟମ, ଆଇରନ, ସେଲେନିୟମ ପର୍ଯ୍ୟାପ୍ତ ପରିମାଣରେ ରହିଛି। ଛତୁରେ ଥିବା କୋଲିନ୍ ନାମକ ତତ୍ୱ ପାଇଁ ଭାରତରେ ଉତ୍ପାଦନ ହେଉଥିବା ଦୁଇ ପ୍ରକାର ପ୍ରସିଦ୍ଧ ଛତୁ ହେଲା ହ୍ୱାଇଟ୍ ବଟନ୍ ମଶରୁମ୍ ଓ ଇଷ୍ଟର ମଶରୁମ୍। ଛତୁରେ ଆନ୍‌ଟି ଅକ୍ସିଡାଣ୍ଟ କ୍ଷତିକାରକ ମୁକ୍ତ ରେଡିକାଲରୁ ରକ୍ଷା କରିଥାଏ। ଏହା ଏକ ଆନ୍‌ଟି ବାୟୋଟିକ୍ ଯାହା ମାଇକୋବାୟଲ୍ ଏବଂ ଫଙ୍ଗଲ୍ ସଂକ୍ରମଣରୁ ଭଲ କରିଥାଏ। ତେବେ ଛତୁ ଲାଭଦାୟୀ ହୋଇଥିଲେ ମଧ୍ୟ ଏହାକୁ ସେବନ କରିବା ସମୟରେ ଟିକିଏ ସାବଧାନ ରହିବା ଆବଶ୍ୟକ। ଅଧିକ ଛତୁ ସେବନ କରିବା



ଅନୁଚିତ୍। କାରଣ ଏହାଦ୍ୱାରା ଏଜର୍ଲି ହୋଇଥାଏ। ଗର୍ଭାବସ୍ଥାରେ ମହିଳା ଓ ଛୋଟ ପିଲାଙ୍କୁ ଛତୁ ସେବନ କରିବା ଉଚିତ୍ ନୁହେଁ। ବାସି ଛତୁ ଫୁଡ ପଏଜନିଙ୍ଗ୍‌ର କାରଣ। ଯେଉଁମାନେ ମେଦ କମ୍ କରିବାକୁ ଚାହୁଁଛନ୍ତି ସେମାନେ ଛତୁ ଖାଇବା ଉଚିତ୍। ଏଥିରେ ଥିବା ଲୀନ ପ୍ରୋଟିନ୍ ଓଜନ କମ୍ କରିବାରେ ସାହାର୍ଯ୍ୟ କରିଥାଏ। ଛତୁରେ ଥିବା ଏଞ୍ଜାଇମ୍ କୋଲେଷ୍ଟ୍ରଲ ସ୍ତର କମ୍ କରିଥାଏ। ଏଥିରେ ଉଚ୍ଚ ପୋଷକ ତତ୍ୱ ରହିଛି ଯାହା ହୃଦୟକୁ ସୁସ୍ଥ ରଖେ। ଛତୁରେ ବହୁ ମାତ୍ରାରେ ଫଲିକ ଏସିଡ୍ ରହିଛି। ଛତୁ ସେବନ ଦ୍ୱାରା ପେଟ ଜନିତ ସମସ୍ୟା ଦୂର ହୋଇଥାଏ। ଏଥିରେ ପର୍ଯ୍ୟାପ୍ତ ପରିମାଣରେ ଫାଇବର ଏବଂ କାର୍ବୋହାଇଡ୍ରେଟ୍ ରହିଛି। ଏହା ପାଚନ, କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ। ଛତୁ ଭିଟାମିନ୍ ଡିର ଏକ ବିଶେଷ ସ୍ରୋତ। ଛତୁ ହାଡ଼ ମଜଭୁତ୍ କରିବାରେ ସାହାର୍ଯ୍ୟ କରିଥାଏ। ନିୟମିତ ଛତୁ ଖାଇଲେ ୨୦ ପ୍ରତିଶତ ଭିଟାମିନ୍ ଡି ପ୍ରାପ୍ତ ହୋଇଥାଏ।

# ପୁଣି ପ୍ରେମରେ ପଡ଼ିଲେ ସ୍ୱରା

ବଲିଉଡର ବିନ୍ଦାସ ଅଭିନେତ୍ରୀ ସ୍ୱରା ଭାସ୍କର। ପ୍ରାୟତଃ ସେ କିଛି ନା କିଛି ଖବରକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ହେଲେ ଏବେ ସେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ସେ କୁଆଡେ ପୁଣିଥରେ ପ୍ରେମରେ ପଡିଛନ୍ତି। ଏ କଥା ଆମେ କହୁନୁ, ସେ ଇନ୍‌ଷ୍ଟାଗ୍ରାମରେ ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ଶେଆର କରିଥିବା ରୋମାଣ୍ଟିକ ଫଟୋକୁ ଦେଖି ଏଭଳି କିଛି ଖବର ଚର୍ଚ୍ଚା ହେଉଛି।ଫଟୋରେ ସ୍ୱରା ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ନଜର ଆସିଛନ୍ତି। ସ୍ୱରା ଯେଉଁ ବ୍ୟକ୍ତିଙ୍କ ସହ ରୋମାଣ୍ଟିକ ହୋଇଛନ୍ତି ତାଙ୍କ ଚେହେରା ମଧ୍ୟ ସଠିକ୍ ଭାବେ ଦେଖାଯାଉନି। ଫଟୋରେ ଦୁହେଁ ପରସ୍ପରକୁ ପ୍ୟାମ୍ପର କରୁଥିବା ନଜର ଆସିଛନ୍ତି। ଏହି ଫଟୋକୁ ଦେଖିବା ପରେ ସ୍ୱରାଙ୍କ ଜୀବନରେ ପୁଣି ଥରେ ପ୍ରେମ ଫେରିଆସିଥିବା ଆଶଙ୍କା କରାଯାଉଛି। ସ୍ୱରା ଖୋଦ୍ ଏହି ଫଟୋକୁ ନିଜ ଇନ୍‌ଷ୍ଟାଗ୍ରାମରେ ଶେଆର କରିଛନ୍ତି। କ୍ୟାପସନରେ ଲେଖିଛନ୍ତି, 'ଏହା ପ୍ରେମ ହେଇପାରେ।' ଫଟୋରେ ସ୍ୱରା ଓ ମିଷ୍ଟ୍ରି ମ୍ୟାନ୍ ଦୁହେଁ ମୁଣ୍ଡ ନୁଇଆଁ ରହିଥିବା ନଜର ଆସିଛନ୍ତି। ଏହି ଫଟୋ ସାମ୍ନାକୁ ଆସିବା ପରେ ସ୍ୱରାଙ୍କୁ ଲୋକେ ଶୁଭେଚ୍ଛା ଜଣାଇବା ଆରମ୍ଭ କରିଦେଇଛନ୍ତି। ତେବେ ଏହି ବ୍ୟକ୍ତି ଜଣକ କିଏ ତାହା ଜାଣିବା ପାଇଁ ୟୁଜର୍ସଙ୍କ ମଧ୍ୟରେ ଉତ୍ସାହ ବଢ଼ିଯାଇଛି। ସେପଟେ ଆଉ କିଛି ସୋଶାଲ ମିଡିଆ ୟୁଜର୍ସ ଫଟୋକୁ ନେଇ ସ୍ୱରାଙ୍କୁ ଟାର୍ଗେଟ୍ କରିଛନ୍ତି। ଭୁଲ କାମ କଲେ ଏଭଳି ମୁହଁ ଲୁଚାଇବାକୁ ପଡେ ବୋଲି ଜଣେ ୟୁଜର୍ସ କହିଛନ୍ତି। ତେବେ ସ୍ୱାରା ଯେଉଁ ବ୍ୟକ୍ତିଙ୍କୁ ଡେଟ୍ କରୁଛନ୍ତି ସେ କିଏ? ଏହାର ଖୁଲାସା କେବଳ ଅଭିନେତ୍ରୀ ହିଁ କରିପାରିବେ।



# ସଫଳ କୃତି



ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ନାୟିକା କୃତି ସାନନ୍। ତାଙ୍କ ହାତରେ ଏବେ ୬ଟି ଫିଲ୍ମ ରହିଛି। ସବୁ ଫିଲ୍ମରେ ଭିନ୍ନ ଭିନ୍ନ ଧରଣର ଚରିତ୍ର ସେ ନିର୍ବାହ କରିଛନ୍ତି। ଭେଡିୟା ଭଳି ହରର କମେଡିଠୁ ଗନପତ୍ ଭଳି ଆକ୍ସନ୍ ଫିଲ୍ମ ପର୍ଯ୍ୟନ୍ତ ଭିନ୍ନ ସ୍ୱାଦର କାହାଣୀରେ କୃତି ନଜର ଆସିବେ। ଏ ସବୁଥିରେ ସେ ଲିଡ୍ ନାୟିକା ଭୂମିକା ନିର୍ବାହ କରିଛନ୍ତି। ଏନେଇ କୃତି କହିଛନ୍ତି ମୋ କାମ ଖୁବ୍ ଉତ୍ସାହଜନକ, କାରଣ କୌଣସି ସେଟ୍ କିମ୍ବା କୌଣସି ଫିଲ୍ମରେ ସମାନତା ନାହିଁ। ଭିନ୍ନ ଭିନ୍ନ ବିଷୟ ଆଧାରିତ ଫିଲ୍ମରେ ଅଭିନୟ କରୁଥିବାରୁ କଳାକାର ଭାବେ ନିଜ ଦକ୍ଷତାର ଭିନ୍ନ ଦିଗ ଅନ୍ୱେଷଣ କରିବାରେ ସହାୟକ ହେଉଛି। ହରର କମେଡି ଭେଡିୟା, ଗନପତ୍‌ର ଆକ୍ସନ୍, ପୌରାଣିକ ଫିଲ୍ମ ଆଦିପୁରୁଷ ସହିତ ବଚ୍ଚନ ପାଣ୍ଡେ ଭଳି ମନୋରଂଜନଧର୍ମୀ ପ୍ରୋଜେକ୍ଟରେ ମୁଁ କାମ କରୁଛି। ଏସବୁ ଭିନ୍ନ ଭିନ୍ନ ବିଷୟର ହୋଇଥିବାରୁ କାମ କରିବାକୁ ଖୁବ୍ ମଜା ଲାଗୁଛି। ସବୁ ଫିଲ୍ମର ସେଟ୍ ଓ ମୋ ଚରିତ୍ରର ଭିନ୍ନ ଭିନ୍ନ। ତେଣୁ କାମକୁ ମୁଁ ବେଶ ଉପଭୋଗ କରୁଛି। କୃତି ଏବେ ବରୁଣ ଧୱନଙ୍କ ସହ ଅରୁଣାଚଳପ୍ରଦେଶରେ ଫିଲ୍ମ ଭେଡିୟାର ସୁଟିଂରେ ବ୍ୟସ୍ତ ଅଛନ୍ତି। ହମ୍ ଦୋ ହମାରେ ଦୋ ଭଳି ହଟ୍‌କେ କମେଡି ଫିଲ୍ମ ମଧ୍ୟ ତାଙ୍କ ହାତରେ ରହିଛି। ଏଥିରେ ତାଙ୍କୁ ରାଜକୁମାର ରାଓଙ୍କ ସହ ଦେଖିବାକୁ ମିଳିବ। ଫିଲ୍ମ ମିମିରେ ମଧ୍ୟ ଦର୍ଶକ ତାଙ୍କୁ ଏକମାତ୍ର ଲିଡ୍ ଲେଡି ଭାବେ ଦେଖିବାକୁ ପାଇବେ। ଭିନ୍ନ ସ୍ୱାଦର ଫିଲ୍ମର ଅଂଶ ହୋଇ କୃତି ଖୁବ୍‌ଶୀଘ୍ର ବଲିଉଡ୍‌ରେ ଭର୍ସାଟାଇଲ୍ ଆକ୍ଟ୍ରେସ୍‌ର ଟାଇଟଲ୍ ପାଇବେ, ଏଥିରେ ସନ୍ଦେହ ନାହିଁ।

# ସବୁଠୁ ବୟସ୍କା ମହିଳା

ବିଶ୍ୱର ସବୁଠାରୁ ବୟସ୍କ ମହିଳା ଜାପାନରେ ନୁହେଁ ଭାରତରେ ଅଛନ୍ତି। ହିମାଚଳ ପ୍ରଦେଶର ବିଲାସପୁରରେ ଦୁନିଆର ସବୁଠୁ ବୟସ୍କ ମହିଳା ଅଛନ୍ତି, ଯାହାର ବୟସ ୧୩୦ ବର୍ଷ। ସେ ବିଶ୍ୱର ସବୁଠୁ ବୟସ୍କ ମହିଳା ବୋଲି ଦାବି କରାଯାଇଛି। ଇଣ୍ଡିଆ ଟିଭିର ରିପୋର୍ଟ ମୁତାବକ, ନିକଟରେ ନିର୍ବାଚନରେ ଭୋଟ ଦେବା ପାଇଁ ଉକ୍ତ ମହିଳା ବିଳାସପୁରର ପପଲାହ ଗ୍ରାମକୁ ଯାଇଥିଲେ। ସେଠାରେ ୧୮୯୦ରେ ତାଙ୍କର ଜନ୍ମ ହୋଇଥିବା ନେଇ ତାଙ୍କ ଆଧାର କାର୍ଡରେ ଉଲ୍ଲେଖ ଥିବା ଦେଖିବାକୁ ମିଳିଥିଲା। ତାଙ୍କ ଜନ୍ମ ତାରିଖ ଦେଖି ଭୋଟିଂ ବୁଥିରେ ଉପସ୍ଥିତ ଥିବା ସମସ୍ତେ ଚକିତ ହୋଇଯାଇଥିଲେ ଏବଂ ତାଙ୍କୁ ବିଶ୍ୱର ସବୁଠାରୁ ବୟସ୍କା ମହିଳା ବୋଲି ଦାବି କରିଥିଲେ। ସୂଚନା ମୁତାବକ ଉକ୍ତ ମହିଳାଙ୍କ ନାଁ ମାଂସା ଦେବୀ। ତାଙ୍କ ପରିବାରରେ ତାଙ୍କର ୬ଜଣ ପିଲାଙ୍କୁ ମିଶାଇ ମୋଟ୍ ୮ଜଣ ଅଛନ୍ତି। ତେବେ ତାଙ୍କ ପରିବାରରେ କେହି ବି ଅଧିକ ଶିକ୍ଷିତ ନାହାନ୍ତି। ଏହି କାରଣ ଯୋଗୁଁ ମଂସା ଦେବୀଙ୍କ ବୟସ ସାମ୍ନାକୁ ଆସିପାରିନଥିଲା। ସେପଟେ ଏହି ମହିଳାଙ୍କ ବୟସ ସାମ୍ନାକୁ ଆସିବା ପରେ ସ୍ଥାନୀୟ ପ୍ରଶାସନ ଏନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ମହିଳାଙ୍କ ବୟସ ସହ ଜଡ଼ିତ ସମସ୍ତ ତଥ୍ୟକୁ ନେଇ ଯାଂଚ କରାଯିବ। ଯଦି ସେ ବୟସ୍କ ବୋଲି ପ୍ରମାଣିତ ହୁଅନ୍ତି ତେବେ ତାଙ୍କ ନାଁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସାମିଲ କରିବାକୁ ଦାମି କରାଯିବ। ଅଧିକାରୀଙ୍କ ରେକର୍ଡ ଅନୁଯାୟୀ ବିଶ୍ୱର ସବୁଠାରୁ ବୟସ୍କ ମହିଳା ହେଉଛନ୍ତି ଋଷର ଜିନ କେଲିମେଂଟ। ଯାହାର ୧୯୯୭ରେ ୧୨୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଅନୁଯାୟୀ ବର୍ତ୍ତମାନ ବିଶ୍ୱର ସବୁଠାରୁ ବୟସ୍କ ମହିଳା ରୂପେ ଜାପାନର କେନ୍ ତନାକାଙ୍କ ନାଁ ସବୁଠୁ ଉପରେ ରହିଛି। ତାଙ୍କ ବୟସ ୧୧୮ ବର୍ଷ ରହିଛି ଏବଂ ସେ ଜୀବିତ ଅଛନ୍ତି।



## ସରକାରୀ ମେଧାବୃତ୍ତି ପାଇଥିବା ସଫଳ ଛାତ୍ରଛାତ୍ରୀ ଙ୍କୁ ସମ୍ବର୍ଦ୍ଧନା

ପାଟଣା,୮/୩(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଛାତ୍ର କାବ୍ୟେଶ ବେହେରା ବ୍ଲକରେ ୧ମ ସ୍ଥାନ , ଝରଣା ମହାନ୍ତ ୩ୟ ସ୍ଥାନ ,ଅର୍ଚ୍ଚିତା ମହାନ୍ତ ୫ମ ସ୍ଥାନ ଅଧିକାର କରି ପଞ୍ଚମ ଶ୍ରେଣୀ ମେଧାବୃତ୍ତି ରେ ସଫଳତା ପାଇଥିବାରୁ ବିଦ୍ୟାଳୟ ପରିସରରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଟାଟା ଷ୍ଟିଲର ଅବସରପ୍ରାପ୍ତ କେମିଷ୍ଟ ନିର୍ମଳ ଚନ୍ଦ୍ର ବେହେରା ଏହି ଛାତ୍ର ଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ସହ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ । ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରଦୀପ କୁମାର ସାହୁ , ବିଦ୍ୟାଳୟ ର ଶୁଭେଚ୍ଛୁ ସତ୍ୟବାଦୀ ସାହୁ , ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ , ବିଦ୍ୟାଳୟର ପରୀକ୍ଷା ପ୍ରମୁଖ ସୁଜଳ ଗିରି , ବରିଷ୍ଠା ଆଚାର୍ଯ୍ୟକ୍ଷ ଦେବକୀ ମହାନ୍ତ, ଅଭିଭାବିକା ସହିତ ଅନ୍ୟ ଗୁରୁଜୀ ଗୁରୁମା ଉପସ୍ଥିତ ରହିଥିଲେ ।

## କଳାହାଣ୍ଡିରେ ନୂତନ ଏସପି ନାଗରାଜ ଦେବର କୋଣ୍ଡାଙ୍କ ଯୋଗଦାନ

କଳାହାଣ୍ଡି ୮/୩(ନି.ପ୍ର):ଜିଲ୍ଲାର ନୂତନ ଏସପି ଭାବେ ନାଗରାଜ ଦେବର କୋଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଦାୟ ଏସପି ଅଭିଲାଷ ଜି. ଙ୍କ ଠାରୁ ସେ କାର୍ଯଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଏସପି କୋଣ୍ଡା ବୌଦ୍ଧ ଜିଲ୍ଲାରେ କାର୍ଯ୍ୟରତ ଥିଲେ । ପୂର୍ବରୁ କଳାହାଣ୍ଡି ଏସପି ଥିବା ଅଭିଲାଷ ଜି.ଙ୍କୁ ବଲାଙ୍ଗିର ଜିଲ୍ଲା ବଦଳି ହେବାରୁ ତାଙ୍କ ସ୍ଥାନରେ ଏସପି କୋଣ୍ଡା ଯୋଗ ଦେଇଛନ୍ତି । ମଙ୍ଗଳବାର ସନ୍ଧ୍ୟାରେ ଏସପି ଶ୍ରୀ କୋଣ୍ଡା ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସାକ୍ଷାତ ଦେଇ ଜିଲ୍ଲାରେ ମାଓ ଦମନ, ନିଶା କାରବାର, ଅପରାଧ ନିୟନ୍ତ୍ରଣ, ଟ୍ରାଫିକ ନିୟନ୍ତ୍ରଣ, ଶିଶୁ ଓ ମହିଳା ସୁରକ୍ଷା ତଥା ସାଇବର ଅପରାଧ ଦିଗରେ ସ୍ୱତନ୍ତ୍ର ପ୍ରାଥମିକତା ଦେବେ ବୋଲି କହିଥିଲେ । ନୂତନ ଏସପି ନାଗରାଜ ଦେବର କୋଣ୍ଡା ଯୋଗଦାନ କରିବା ପରେ କଳାହାଣ୍ଡି ଜିଲ୍ଲା ପୋଲିସ ବିଭାଗର ଅଧିକାରୀ ମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି ।

## ଜବଦ ଜେସିବି କୁ ଜୋରିମାନା କଲେ ଜିଲ୍ଲା ବନଖଣ୍ଡ ଅଧିକାରୀ

ପାଟଣା ୮/୩(ନି.ପ୍ର): ଗତ ମାସ ୧୩ ତାରିଖ ପାଟଣା ତହସିଲ ଅଞ୍ଚଳ ଅଙ୍କୁରା ବନାଞ୍ଚଳ ଇଲାକା ବୈତରଣୀ ରୁ ବାଲି ଉତ୍ତୋଳନ ରେ ବ୍ୟବହୃତ ୨ ଟି ଜେସିବି ମେସିନ କୁ ଜିଲ୍ଲା ବନଖଣ୍ଡ ଅଧିକାରୀ ଙ୍କ ଟିମ ଜବଦ କରିଥିଲେ।ଏନେଇ ମାମଲା ନଂ ୧୧୧/୨୦୨୫ ମୂଳେ ଟାଟା ହିଟାଚି କୁ ୨ ଲକ୍ଷ ୧୧ ହଜାର ୬୦୫ ଟଙ୍କା ଏବଂ ମାମଲା ନଂ ୧୧୨/୨୦୨୫ ମୂଳେ ହୁଣ୍ଡାଇ ହାଇଡ୍ରୋଲିକ ଏକ୍ସାଭେଟରକୁ ୨ ଲକ୍ଷ ୧୨ ହଜାର ୫୬୧ ଟଙ୍କା ଜୋରିମାନା କରାଯାଇଥିଲା।ଜୋରିମାନା ପୈଠ ପରେ ୨ ଟି ଯାକ ମେସିନ କୁ ମାଲିକ ଙ୍କ ଜିମା ଛାଡି ଦିଆଯାଇଥିବା ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି।

## ଭେଡେନ ଥାନା ନୂତନ କୋଠା ଉଦଘାଟିତ

ଭେଡେନ ୮/୩(ନି.ପ୍ର): ବରଗଡ଼ ଜିଲ୍ଲା ଭେଡେନ ଥାନା ର ନବନିର୍ମିତ କୋଠା କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଠସକ୍ସଙ୍କବକ୍ଷ ଙ୍କକ୍ଟୟର ରେ ଉଦଘାଟନ କରିଛନ୍ତି । ଏହି ଉଦଘାଟନ କାର୍ଯ୍ୟକ୍ରମରେ ଭେଡେନ ଠାରେ ଉତ୍ତରାଞ୍ଚଳ ଆଇ ଜି ସମ୍ବଲପୁର ଶ୍ରୀ ହିମାଂଶୁ ଲାଲ, ବରଗଡ଼ ଏସ ପି ପ୍ରହ୍ଲାଦ ସ୍ୟହି ମିନା, ବରଗଡ ସାଂସଦ ପ୍ରଦୀପ ପୁରୋହିତ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏବଂ ବରଗଡ଼ ଏ ଡି ଏମ୍ ମଧୁଛନ୍ଦା ସାହୁ, ଭେଡେନ ବି ଡି ଓ ତ୍ରିପୁର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭେଡେନ ବ୍ଲକ ର ବିଭିନ୍ନ ଗ୍ରାମ ପଂଚାୟତ ର ସରପଞ୍ଚ ଅନ୍ୟ ମାନେ ଉପସ୍ଥିତ ଥିଲେ କ୍ଷଏହି ନୂତନ ଥାନା ଉଦଘାଟନ ଦ୍ୱାରା ଅଞ୍ଚଳବାସୀଙ୍କୁ ସୁରକ୍ଷା, ସ୍ୱଚ୍ଛ ଏବଂ ଦ୍ରୁତ ପୋଲିସ୍ ସେବା ଦେବାରେ ସାହାଯ୍ୟ କରିବ ବୋଲି ଅତିଥି ମାନେ ମତ ଦେଇଥିଲେ।

# ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ନୂତନ ଛାତ୍ରାବାସ ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ

### ସାମାଜିକ ଗବେଷଣାରେ ନିୟୋଜିତ ହେବା ପାଇଁ ଏକ୍ସଆଇଏମକୁ ଆହ୍ୱାନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ







ଭୁବନେଶ୍ୱର, ମାର୍ଚ୍ଚ ୦୮ – କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଏକ୍ସଆଇଏମ) ବିଶ୍ୱବିଦ୍ୟାଳୟରେ ଏକ ନୂତନ ଛାତ୍ରାବାସ ଉଦଘାଟନ କରିଛନ୍ତି । ଏହି ଅବସରରେ ଓଡ଼ିଶା ଓ ଭାରତ ପାଇଁ ଅଧିକ ଗୌରବ ଆଣିବା ପାଇଁ ସାମାଜିକ ଗବେଷଣାରେ ନିୟୋଜିତ ହେବାକୁ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟକୁ ଆହ୍ୱାନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭୁବନେଶ୍ୱର ସବୁଠାରୁ ସ୍ୱତନ୍ତ୍ର ସ୍ଥାନ । କଳା, ସଂସ୍କୃତି ଏବଂ ମନ୍ଦିରମାଳିନୀର ସହର । ଏହି ସ୍ଥାନରେ ଆଇଆଇଟି, ଆଇଏଲଏସ, ଏମ୍ସ, ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ୧୦ରୁ ଅଧିକ ପ୍ରତିଷ୍ଠିତ ଅନୁଷ୍ଠାନ ଗଢିଉଠିଛି । ଏହି ଅନୁଷ୍ଠାନ ସମୂହ ଆଗାମୀ ଦିନରେ ଭୁବନେଶ୍ୱରକୁ ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଣତ କରିବ । ଭୁବନେଶ୍ୱରରେ ଅନେକ ପ୍ରତିଭାବାନ ବ୍ୟକ୍ତିବିଶେଷ ଅଛନ୍ତି । ଯଥାର୍ଥରେ ଭୁବନେଶ୍ୱର ହେଉଛି ଜ୍ଞାନର ଏକ ସ୍ଥାୟୀ 'କୁମ୍ଭ' । ସେହି ପରିପ୍ରେକ୍ଷୀରେ ଏଠାରେ ପ୍ରତିଷ୍ଠିତ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟ ସମାଜିକ ଗବେଷଣାରେ ଜଡ଼ିତ ହୋଇ କଲ୍ୟାଣକାରୀ ଯୋଜନା ଗୁଡିକର ପ୍ରଭାବକୁ ଜାଣିବା ସହ ସାମାଜିକ ଜୀବନରେ ଉଭା ହେଉଥିବା ଆହ୍ୱାନଗୁଡ଼ିକୁ ଚିହ୍ନଟ କରିବା ଦରକାର । ନୂତନ ଉତ୍ସାହକୁ ପ୍ରେରଣା ଦେବା ଏବଂ ଓଡ଼ିଶା ଓ ଭାରତ ପାଇଁ ଅଧିକ ଗୌରବ ଆଣିବା ପାଇଁ ସାମାଜିକ ଗବେଷଣାରେ ନିୟୋଜିତ ହେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା ମାଧ୍ୟମରେ ଶିକ୍ଷା, ଉଦ୍ଭାବନ ଏବଂ ଗବେଷଣା କ୍ଷେତ୍ରରେ ନୂତନ ମାନଦଣ୍ଡ ସୃଷ୍ଟି କରିବା ସହିତ ବିଶ୍ୱ କଲ୍ୟାଣକୁ ଆଗେଇ ନେବା ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକୁ ସମସ୍ତ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶୁକ୍ରବାର ଏହି ବିଶ୍ୱବିଦ୍ୟାଳୟର ଓଲଡ କ୍ୟାମ୍ପସ ପରିସରରେ ପ୍ରାୟ ୧୩୨ କୋଟି ଟଙ୍କା ବ୍ୟୟରେ ପ୍ରାୟ ୭ ଏକର ପରିମିତ ଜମିରେ ନିର୍ମିତ ଛାତ୍ରାବାସର ଉଦଘାଟନ କରିଛନ୍ତି । ଏହି ଛାତ୍ରାବାସରେ ୯୬୪ଟି ରୁମ, ବାସ୍କେଟ ବଲ୍ ଓ ବ୍ୟାଡମିଣ୍ଟନ କୋର୍ଟ, ଇନଡୋର ଏବଂ ଆଉଡୋର ଆକ୍ଟିଭିଟି ହଲ, ଜିମ୍, ଫୁଡକୋର୍ଟ ଏବଂ ଆଦି ଆନୁଷଙ୍ଗିକ ବ୍ୟବସ୍ଥା ରହିଛି । ଏ ସମ୍ପର୍କରେ ଶିକ୍ଷା ମନ୍ତ୍ରୀ କହିଛନ୍ତି, ଶିକ୍ଷା କ୍ଷେତ୍ରରେ ଏକ୍ସଆଇଏମବିର ଏକ ଭଲ ପରମ୍ପରା ରହିଛି । ଆଜି ଉଦଘାଟିତ ହୋଇଥିବା ଛାତ୍ରାବାସ ଅନୁଷ୍ଠାନର ସ୍ଥାୟୀ ପରମ୍ପରାକୁ ଆଗକୁ ବଢାଇବାରେ ସହାୟକ ହେବ । ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ବୌଦ୍ଧ ଧର୍ମର ଉଦାହରଣ ସହ କଳିଙ୍ଗ ଯୁଦ୍ଧ ଏବଂ ଓଡ଼ିଶାରେ କିପରି ସେ ସମୟରେ ଗଣତନ୍ତ୍ର ଥିଲା, ତାହା ଉପରେ ଆଲୋକପାତ କରିଥିଲେ ।

# ପ୍ରଦୀପ୍ତ ଦାସ ହେଲେ ମାଲାକାନାଗିରି ଜିଲ୍ଲା କଂଗ୍ରେସ ପ୍ରଭାରୀ



ନିଶ୍ଚିନ୍ତକୋଇଲି ୮/୩(ନି.ପ୍ର): ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ତଥା କଂଗ୍ରେସର ପୂର୍ବତନ ମିଡ଼ିଆ ସଂଯୋଜକ ପ୍ରଦୀପ୍ତ କୁମାର ଦାସଙ୍କୁ ମାଲକାନାଗିରି ଜିଲ୍ଲାର କଂଗ୍ରେସ ପ୍ରଭାରୀ ଭାବେ ନିଯୁକ୍ତି ଦିଆଯାଇଛି । ଦୀର୍ଘ ବର୍ଷ ଧରି ଶ୍ରୀ ଦାସ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ତଥା ରାଜ୍ୟର ବିଭିନ୍ନ ସ୍ଥାନରେ କଂଗ୍ରେସ ପାଇଁ କାର୍ଯ୍ୟ କରି ସଂଗଠନକୁ ମଜବୁତ୍ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିବାରୁ ପିସିସି ସଭାପତି ଭକ୍ତଚରଣ ଦାସ ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇଛନ୍ତି । ସେ ତାଙ୍କ ଛାତ୍ର ଜୀବନରୁ କଂଗ୍ରେସ ସହିତ ରହି କଂଗ୍ରେସ ସାଂଗଠନିକ କାର୍ଯ୍ୟକ୍ରମ କରୁଥିଲେ । ମହାବିଦ୍ୟାଳୟରେ ଛାତ୍ର କଂଗ୍ରେସ ପକ୍ଷରୁ ଦାୟିତ୍ୱ ନେଇ କିପରି ଭାବରେ କଂଗ୍ରେସ ସମର୍ଥୀତ ଛାତ୍ରମାନଙ୍କୁ ଛାତ୍ର ସଂସଦ ନିର୍ବାଚନରେ ଜିତାଇବେ ସେଥିରେ ସେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ । ସେ ସମଗ୍ର ଅଂଚଳରେ ବୁଲୁ ଭାଇ ଭାବେ ପରିଚିତ । ତାଙ୍କ ମନରେ କେବେ ରାଗ, ରୋଷ ବା ଅହଂକାର ନଥାଏ । ସେ ସବୁବେମେଳ ମୋ ମାହାଙ୍ଗା ଓ ମୋ ପିଲାବୋଲି କହିଥାଆନ୍ତି । ଏଣୁ ସେ ସମସ୍ତଙ୍କର ନିଜର ହୋଇଥାଆନ୍ତି । ତାଙ୍କୁ ଯଦି କିଏ ତାଙ୍କୁ ଗାଳି ଦିଏ ସେ ତାଙ୍କ ପାଖକୁ ଆସି ହସି ହସି କଥାପଦେ କୁହନ୍ତି । ତାଙ୍କର ଏହି ନିଷ୍କପଟ ଓ ମେଳାପୀ ଭାବ ଯୋଗୁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଛନ୍ତି । କେଂଗ୍ରେସ ପକ୍ଷରୁ ତାଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ପୂର୍ବତନ ଯୁବ କଂଗ୍ରେସ ସଭାପତି ସେକ୍ ସଦାମ, ନାରାୟଣ ଦ୍ୱିବେଦୀ, ପୂର୍ବତନ କଟକ ଜିଲ୍ଲା ସଭାପତି ମିଳନ ମଲିକ, ବଟକୃଷ୍ଣ ସ୍ୱାଇଁ, ସୁଶୀଲ କୁମାର ଲେଙ୍କା, ହେମନ୍ତ କୁମାର ସ୍ୱାଇଁ, ରମେଶ ବାରିକ, ରାଜେନ୍ଦ୍ର ବାରିକ, ୟାକୁବ୍ ହୁସେନ, ସେକ୍ ମୋନାନ, ଏମ୍‌ଡି ବୁରାନ, ସେକ୍ ନମୋ, ସନ୍ତୋଷ ସେଠୀ, ଅଜୟ ସେଠୀ, ମୃତ୍ୟୁଞ୍ଜୟ ପଣ୍ଡା, ଅମରେଶ ସାମନ୍ତରାୟ, ପ୍ରଶାନ୍ତ ସାମଲ, ମନୋଜ ମହାନ୍ତି, ଡମ୍ବରୁଧର ସ୍ୱାଇଁ, ନୁରୁ ଆଲାମ ଖାଁ ପ୍ରମୁଖ ଶ୍ରୀଯୁକ୍ତ ଦାସଙ୍କୁ ଭେଟି ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି ।

# ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ ଅଧିକାରୀ ଚାରି ବର୍ଷର ଆଦଭିକ୍

ବାଲିଗୁଡ଼ା ୮/୩(ନି.ପ୍ର): ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ ରେ ଚାରି ବର୍ଷର ଶିଶୁ ଆଦଭିକ୍ ପାଢ଼ୀ । ଫଟାଫଟ୍ ସବୁ ପ୍ରଶ୍ନର ଉତ୍ତର ଦେଉଛନ୍ତି ଏହି କୁନି ବିସ୍ମୟ ବାଳକ। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସହର ଭଗାମୁଣ୍ଡା ସାହିର ଅମୁଲ୍ୟ ପାଢ଼ୀ ଓ ପ୍ରିୟଙ୍କା ପାଢ଼ୀ ଙ୍କ ସୁପୁତ୍ର ଆଦଭିକ୍ ପାଢ଼ୀ । ସେ ବାଲିଗୁଡ଼ା ସ୍ଥିତ ସାଇ ପ୍ରଭୁଜୀ ଗ୍ଲୋବାଲ ସ୍କୁଲରେ ନର୍ସରୀ ଶ୍ରେଣୀରେ ପାଠ ପଢୁଛନ୍ତି । ଆଦଭିକ୍ ୧ ମିନିଟ୍ ୪୩ ସେକେଣ୍ଡରେ ଫଟାଫଟ୍ ୧୦୦ ପ୍ରଶ୍ନର ସଠିକ୍ ଉତ୍ତର ଦେଇ ଏହି ସଫଳତା ହାସଲ କରିଛନ୍ତି । ପୂର୍ବରୁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ମଧ ନିଜକୁ ସ୍ଥାନିତ କରିଥିଲେ । ବିସ୍ମୟ କୁନି ବାଳକ ଆଦଭିକକୁ ସବୁଆଡୁ ପ୍ରଶଂସାର ସୁଅ ଛୁଟୁଛି । ସାଇ ପ୍ରଭୁଜୀ ଗ୍ଲୋବାଲ ସ୍କୁଲରେ ଆଦିଭିକ୍ ଏବଂ ତାଙ୍କ ପିତା ମାତାଙ୍କୁ ବିଦ୍ୟାଳୟ କର୍ତ୍ତୁପକ୍ଷ ଓ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି । ସେପଟେ ପୁଅର ଏଭଳି ଟାଲେଣ୍ଟ ଏବଂ ସଫଳତାକୁ ନେଇ ବାପା ମା ବେସ୍ ଖୁସି ଥିବା ବେଳେ ଆଗକୁ ଆଦଭିକ୍ ଯେଭଳି ଅଧିକ ସଫଳତା ହାସଲ କରିବ ଏବଂ ବାଲିଗୁଡ଼ା ସମେତ କନ୍ଧମାଳ ଜିଲ୍ଲାର ନାଁ ରଖିବ ସେନେଇ ଆମେ ଚେଷ୍ଟିତ ବୋଲି କହିଛନ୍ତି ଆଦଭିକ୍ ଙ୍କ ମା ପ୍ରିୟଙ୍କା ।

## ଅଗ୍ନିକାଣ୍ଡ ରେ ୨୦ ବଖରା ଘର ଭସ୍ମୀଭୂତ

ଆଠମଲ୍ଲିକ ୮/୩(ନି.ପ୍ର): ଆଠମଲ୍ଲିକ ଉପଖଣ୍ଡ ଲୁହାସିଙ୍ଗା ଗ୍ରାମପଞ୍ଚାୟତ ରେ ଗତ ଗୁରୁବାର ଦିନ ହଠାତ ନିଆଁ ଲାଗି ହୁତୁ ହୁତୁ ହୋଇ ଜାଳିପୋଡି ପାଉଁଶ ହୋଇ ଗଲା ୨୦ ବଖରା ଘର। ବରଯାତ୍ରୀ ଙ୍କର ରୋଷଣୀ ରେ ବ୍ୟବହୃତ ବାଣ ରୁ ନିଆଁ ଲାଗି ଏଭଳି ଅଭାବନୀୟ ଘଟଣା ଘଟିଥିବା ଅନୁମାନ କରାଯାଏ।ଏହି ଅଗନ୍ନିକାଣ୍ଡ ରେ ୮ଟି ପରିବାର ଙ୍କର ଖାଦ୍ୟ ଶସ୍ୟ, ଟଙ୍କା, ସୁନା, ବସ୍ତ୍ର, ଆଶବାବପତ୍ର ଜଳିପୋଡି ନଷ୍ଟ ହୋଇ ଯାଇ ଥିବା ଜଣାଯାଏ। ଅଗନ୍ନିସମ ବାହିନି ଘଟଣାସ୍ଥଳ ରେ ପହଂଚି ନିଆଁ କୁ ଆୟତ କରିଥିଲେ।ଖବର ପାଇ ଆଠମଲ୍ଲିକ ର ଅତିରିକ୍ତ ତହସିଲଦାର କେ ଭେଙ୍କଟେଶ୍ୱର ରାଓ ଓ ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳ ରେ ପହଂଚି କ୍ଷୟ କ୍ଷତି ର ଆକଳନ କରିଛନ୍ତି।ବ୍ଲକ ଉନ୍ନୟନ ଅଧିକାରୀ ନରେନ୍ଦ୍ର ମେହେର, ଲୁହାସିଙ୍ଗା ସରପଞ୍ଚ ସୁଦର୍ଶନ ଗାଇଗରୀୟା ବିପନ୍ନ ପରିବାର ଙ୍କ ପାଖ ରେ ପହଂଚି ତାଙ୍କ ର ଭଲମନ୍ଦ ପଚାରି ବୁଝିଥିଲେ ଏବଂ ରନ୍ଧା ଖାଦ୍ୟ ର ବ୍ୟବସ୍ଥା କରିଥିଲେ। ଅଜି ତା ୭. ୦୩. ୨୦୨୫ରିଖ ରେ ବିନିକେଇ ବଜରଙ୍ଗବାଲି ସଂଘ ତରଫରୁ ବିପନ୍ନ ପରିବାରଙ୍କୁ ଚୁଡ଼ା, ଚାଉଳ, ବସ୍ତ୍ର ଏବଂ ଛୋଟଛୁଆ ମାନଙ୍କୁ ପୋଷାକ ଏବଂ ଫଳ ବଣ୍ଟନ କରିଥିଲେ।

# ଅଧକ୍ଷ ପଦକୁ ନେଇ ଟଣା ଓଟରା-ଉଚ୍ଚ ନିର୍ଦ୍ଦେଶାନାମାକୁ ଅବମାନନା

ନିଶ୍ଚିନ୍ତକୋଇଲି ୮/୩(ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ନିରଞ୍ଜନ ଶତପଥି ଅବସର ନେଲା ପରେ ସେ ସେହି ମହାବିଦ୍ୟାଳୟର ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ପଣ୍ଡାଙ୍କୁ ନୂତନ ଅଧକ୍ଷ ନିଯୁକ୍ତି ପର୍ଯ୍ୟନ୍ତ ଅସ୍ଥାୟୀ ଦାୟିତ୍ୱ ପ୍ରଦାନ କରିଥିଲେ। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ତା. ୩.୩.୨୦୨୫ ରିଖରେ ଶୀ ପ୍ରମୋଦ କୁମାର ମିଶ୍ର ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ପଂଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ନିଶ୍ଚିନ୍ତକୋଇଲିର ପରିଚାଳନା କମିଟି ସଭାପତିକୁ ଏକ ଚିଠି କରିଥିଲେ । ତା.୮.୨.୨୦୨୫ ରିଖରେ ଚିଠି ନଂ ୪୨ ପଂଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ପ୍ରାଧ୍ୟାପିକା ତରୁଲତା ଦେବୀଙ୍କୁ ମହାବିଦ୍ୟାଳୟର ଅଧକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିବା ପାଇଁ ଉଲ୍ଲେଖ କରିଥିଲେ । ଉକ୍ତ ପତ୍ରର ଏକକିତା ଲେଖା ନକଲ ଉପଜିଲ୍ଲାପାଳ କଟକ ସଦର, ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ଭୁବନେଶ୍ୱର, ଉଚ୍ଚଶିକ୍ଷା ବିଭାଗ ବି□ ଅଧିକାରୀ, ଟ୍ରେଜେରୀ ଓ ସବ୍‌ଟ୍ରେଜରୀ ଅଫିସର ସାଲେପୁର, ପ୍ରିନିସିପାଲ ଇନ୍‌ଚାର୍ଜ ପଂଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ନିଶ୍ଚନ୍ତକୋଇଲିକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ନିର୍ଦ୍ଦେଶକୁ ବର୍ତ୍ତମାନ ଅସ୍ଥାୟୀ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ପଣ୍ଡା ଅବମାନନା କରୁଥିବା ଶୁଣିବାକୁ ମିଳୁଛି । ଏଠାରେ ସୂଚନା ଥାଉ କି ନିୟମାନୁଯାୟୀ ସର୍ବ କନିଷ୍ଠ ଦୃଷ୍ଟିରୁ ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ପଣ୍ଡା ଅଧକ୍ଷ ପଦରେ ଅବସ୍ଥାପିତ ହେବା କଥା । ମାତ୍ର ଶ୍ରୀଯୁକ୍ତ ପଣ୍ଡାଙ୍କ ଉପରେ ଅଭିଯୋଗ ଥିବା ଓ ତାହା ବିଚାରାଧିନ ଥିବାରୁ ଏହି ଘଟଣାକୁ ଉପଲବ୍ଧି କରି ଉଚ୍ଚ ଶିକ୍ଷା ବିଭାଗ ଓଡିଶା ସରକାର ଶ୍ରୀଯୁକ୍ତ ପଣ୍ଡାଙ୍କ ବଦଳରେ ପ୍ରାଧ୍ୟାପିକା ତରୁଲତା ଦେବୀଙ୍କୁ ମହାବିଦ୍ୟାଳୟର ଅଧକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ପ୍ରାଧ୍ୟାପକ ଶ୍ରୀଯୁକ୍ତ ପଣ୍ଡା ତାଙ୍କୁ ଅଧାବଧି ଦାୟିତ୍ୱ ହସ୍ତାନ୍ତର କରୁନଥିବାରୁ ଓ ଉଭୟଙ୍କ ମଧ୍ୟରେ ଟଣା ଓଟରାର ସମାଧାନ ହୋଇ ପାରୁନଥିବାରୁ ମହାବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହ ମହାବିଦ୍ୟାଳୟର କାର୍ଯ୍ୟାଳୟ ପରିଚାଳନାରେ ବାଧା ଉପୁଜୁଛି । ଏଥିପ୍ରତି ଶିକ୍ଷାବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଉକ୍ତ ଘଟଣାର ସମାଧାନ କରିବା ପାଇଁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

# ନୀଳକଣ୍ଠପୁର ପ୍ରାଥମିକ ବିଦ୍ୟାଳୟରେ ' ଆମ ସଂସ୍କୃତି ଆମ ଖେଳଣା' କାର୍ଯ୍ୟକ୍ରମ




ଦଶରଥପୁର ୮/୩(ନି.ପ୍ର): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅଧିନସ୍ଥ ନୀଳକଣ୍ଠପୁର ପ୍ରାଥମିକ ବିଦ୍ୟାଳୟରେ ଆଜି 'ଆମ ସଂସ୍କୃତି ଆମ ଖେଳଣା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଲଟପୁର କ୍ଲଷ୍ଟରର ସିଆରସିସି ଅଶ୍ୱିନୀ ସେନାପତିଙ୍କ ସଭାପତିତ୍ୱ ରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚଷାଖଣ୍ଡ ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟ ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପର୍ଶୁରାମ ମଲ୍ଲିକ,ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ତଥା ସାମ୍ବାଦିକ ଧୀରେନ୍ଦ୍ର ମଲ୍ଲିକ,ମୁରାଲିପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶଶିକଳା ଦାଶ,ଶାସ୍ତ୍ରୀଜି ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁମନ୍ତ କୁମାର ସାମଲ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଜିତ ମଲ୍ଲିକ ପ୍ରମୁଖ ଯୋଗଦେଇ ଆମ କଳା, ସଂସ୍କୃତି ,କ୍ରୀଡ଼ା,ସାହିତ୍ୟ ର ପ୍ରଚାର ପ୍ରସାର ଦିଗରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିବା ସହ ଧ୍ୱଂସାଭିମୁଖୀ ହେଉଥିବା କଳା ସଂସ୍କୃତିର ପୁନରୁଦ୍ଧାର ପାଇଁ ସରକାରଙ୍କର ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପତି ଏବଂ ସହକାରୀ ଶିକ୍ଷୟିତ୍ରୀ ସବିତା ସେଠି ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହ ନିଜ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ବିଭିନ୍ନ ହିତୋପଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ ମାନେ କଳା, ସଂସ୍କୃତି ,କ୍ରୀଡ଼ା ଉପରେ ବିଭିନ୍ନ କଳାକୃତି ପ୍ରଦର୍ଶନ କରିଥିଲେ ।କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ସାର୍ଟିଫିକେଟ ପ୍ରଦାନ କରିଥିଲେ ।ବିଦ୍ୟାଳୟର ପୁରାତନ ଛାତ୍ର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ,ଚନ୍ଦ୍ରଭାନୁ ମଲ୍ଲିକ,ଶଶିକାନ୍ତ ମଲ୍ଲିକ,ଅଶୋକ ମଲ୍ଲିକ ପ୍ରମୁଖଙ୍କ ସମେତ ସମସ୍ତ ଅଭିଭାବକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାନ୍ଦିପନି ଶିଶୁ ବିକାଶ କେନ୍ଦ୍ର ରୁ ୫ ଜଣ ଛାତ୍ର ଛାତ୍ରୀ ଙ୍କୁ ସରକାରୀ ଛାତ୍ରବୃତ୍ତି

ନିମାପଡା ୮/୩(ନି.ପ୍ର): ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ଅନ୍ତର୍ଗତ ଗମ୍ଭାରିପଦା ସ୍ଥିତ ସାନ୍ଦିପନି ଶିଶୁ ବିକାଶ କେନ୍ଦ୍ର ଦିନକୁ ଦିନ କାକଟପୁର ଅଞ୍ଚଳରେ ଏକ ଉନ୍ନତ ଆଦର୍ଶ ଶିକ୍ଷା ଅନୁଷ୍ଠାନ ହେବାରେ ଲାଗିଛି । ସମୟ ଅନୁଯାୟୀ ଏହି ଅନୁଷ୍ଠାନ ରୁ ଅନେକ କୃତି ଛାତ୍ର ଛାତ୍ରୀ ଉତିର୍ଣ୍ଣ ହେଉଛନ୍ତି। ଯାହାକୁ ନେଇ ଏହି ଅନୁଷ୍ଠାନ କାକଟପୁର ଅଞ୍ଚଳ ରେ ଗୌରବାନ୍ୱିତ ହେବାରେ ଲାଗିଥିବା ବେଳେ ଚଳିତ ଶିକ୍ଷା ବର୍ଷ ରେ କାକଟପୁର ବ୍ଲକର ସରକାରୀ ବୃତ୍ତି ପରୀକ୍ଷା ରେ ସାନ୍ଦିପନି ଶିଶୁ ବିକାଶ କେନ୍ଦ୍ରରୁ ମୋଟ ୫ ଜଣ ଛାତ୍ର ଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି । ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଆଦିତ୍ୟ ମହାପାତ୍ର ବ୍ଲକରୁ ଦ୍ୱିତୀୟ ସ୍ଥାନ, ପୂଜା ପ୍ରିୟଦର୍ଶିନୀ ସ୍ୱାଇଁ ଚତୁର୍ଥ ସ୍ଥାନ ଏବଂ ସ୍ୱପ୍ନଜିତ ସାହୁ ଦଶମ ସ୍ଥାନ ଅଧିକାର କରିବା ସହିତ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଛାତ୍ର ସୂର୍ଯ୍ୟନାରାୟଣ ମହାରଣା ବ୍ଲକରୁ ଦ୍ୱିତୀୟ ସ୍ଥାନ ଏବଂ ପ୍ରିୟାଂଶି ପାତ୍ର ଚତୁର୍ଥ ସ୍ଥାନ ହାସଲ କରିଛନ୍ତି ଏବଂ ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପରୀକ୍ଷାରେ ଆଦ୍ୟାଶା ପ୍ରିୟଦର୍ଶିନୀ ଖୁଣ୍ଟିଆ ସଫଳତା ପୂର୍ବକ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟ ନାମ କୁ ଗୌରବାନ୍ୱିତ କରିଛନ୍ତି । ଛାତ୍ର ଛାତ୍ରୀ ଙ୍କର ଏଭଳି କୃତିତ୍ୱ ଦେଖି ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ ମାନେ ଛାତ୍ର ଛାତ୍ରୀ ମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଏବଂ ବିଦ୍ୟାଳୟ ର ସମସ୍ତ ଗୁରୁଜୀ ଓ ଗୁରୁମାଙ୍କ ସହିତ ପ୍ରଧାନଶିକ୍ଷକ ଓ ଅନ୍ୟ କର୍ମକର୍ତ୍ତା ତଥା ଅବିଭାବକ ଓ ଅବିଭାବିକା ମାନେ ଖୁସି ବ୍ୟକ୍ତ କରିବା ସହିତ ବିଦ୍ୟାଳୟର ସଫଳତା କାମନା କରିଛନ୍ତି।

# ଆସନ୍ତା ୧୦ ତାରିଖରେ ଧାରଣାରେ ବସିବେନି ଶିକ୍ଷକ ନେତା ସୀତାକାନ୍ତ

ନିଶ୍ଚିନ୍ତକୋଇଲି ୮/୩(ନି.ପ୍ର): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର ନୂତନ ପେନସନ୍ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଆଇନ ପରାମର୍ଶ ଦାତା ତଥା ଜନସଂପର୍କ ସଂଯୋଜକ, ସହକାରୀ ଶିକ୍ଷକ ସୀତାକାନ୍ତ ସାମଲଙ୍କୁ ଦୁର୍ବବ୍ୟବହାର କରିଥିବା ନେଇ ଶ୍ରୀଯୁକ୍ତ ସାମଲ ଚଳିତ ମାସ ୧୦ ତାରିଖରେ ମଣ୍ଡଳ ଶିକ୍ଷାଧିକାରିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଲିଖିତ ଭାବେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଓ ନିଶ୍ଚିନ୍ତକୋଇଲି ଥାନା ସମେତ ବିଭିନ୍ନ ଅନ୍ୟ ସରକାରୀ କାର୍ଯ୍ୟାଳୟକୁ ଅବଗତ କରାଇଥିଲେ । ଉକ୍ତ ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ମାହାଙ୍ଗାର ସ୍ୱାଭିମାନ ଓ ସମ୍ମାନକୁ ବଂଚାଇ ରଖିବା ପାଇଁ ମାହାଙ୍ଗାର ମାନ୍ୟବର ସ୍ୱାଧିନ ବିଧାୟକ ଶ୍ରୀଯୁକ୍ତ ଶାରଦା ପ୍ରସାଦ ପ୍ରଧାନ ତାଙ୍କ ଦୂରାଭାଷ ସଂଖ୍ୟା ୭୬୮୩୮୭୮୨୦୫ରୁ ଶିକ୍ଷକ ନେତା ଶ୍ରୀଯୁକ୍ତ ସାମଲଙ୍କ ଦୂରାଭାଷରେ ଯୋଗାଯୋଗକରି ବିଧାୟକଙ୍କ ପୋଡା ମରାଇସ୍ଥିତ ବାସଭବନକୁ ଡକାଇ ଦୀର୍ଘ ସମୟ ଆଲୋଚନା କରି ବିଗତ ଦିନରେ ମଣ୍ଡଳ ଶିକ୍ଷାଧିକାରିଣୀ ଓ ଶିକ୍ଷକ ସଂଘ ସର୍ବୋପରି ଶିକ୍ଷକ ଶ୍ରୀଯୁକ୍ତ ସାମଲଙ୍କ ମଧ୍ୟରେ ହୋଇଥିବା ବାଦବିବାଦର ଆପୋଷ ସମାଧାନ ବିଧାୟକଙ୍କ ଉପସ୍ଥିତିରେ ମଣ୍ଡଳ ଶିକ୍ଷାଧିକାରିଣୀ ଓ ଶିକ୍ଷକ ସଂଘ ଏବଂ ଶିକ୍ଷକ ସୀତାକାନ୍ତ ସାମଲଙ୍କ ଉପସ୍ଥିତିରେ ଆସନ୍ତା ତା.୧୭.୦୩.୨୦୨୫ ରିଖରେ କରାଯାଇ ଶିକ୍ଷକମାନଙ୍କୁ ନ୍ୟାୟ ଓ ସମ୍ମାନ ଦେବାକୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ବିଧାୟକଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ଶ୍ରୀଯୁକ୍ତ ସାମଲ ତାଙ୍କର ଧାରଣାକୁ ସ୍ଥଗିତ ରଖିଥିବାକୁ ନେଇ ସେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କୁ ଲିଖିତ ଭାବେ ତା. ୭.୩.୨୦୨୫ ରିଖରେ ଜଣାଇଛନ୍ତି । ଉକ୍ତ ପତ୍ରର ଏକକିତା ଲେଖା ନକଲ ନିଶ୍ଚିନ୍ତକୋଇଲି ଥାନା କାର୍ଯ୍ୟାଳୟ, ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ଓ ଉଭୟ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କ ଅବଗତି ନିମନ୍ତେ ପ୍ରେରଣ କରିଛନ୍ତି ।

## ବନ୍ଧସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୁଗୁଡା ୮/୩(ନି.ପ୍ର): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମାଣିତରା ଗ୍ରାମର ବନ୍ଧସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମାର୍ଚ୍ଚ ୬ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୁନି ସାହୁ ଅଧକ୍ଷତା କରିଥିବା ବେଳେ ଏସଏମସି ସଭାପତି ଓଁପାଳ ପ୍ରଧାନ ମୁଖ୍ୟ ଅତିଥି ଓ ମାଣିତରା କ୍ଲଷ୍ଟର ସିଆରସିସି ଶଶିକାନ୍ତ ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କ୍ଲଷ୍ଟର ଅନ୍ତର୍ଗତ ପ୍ରଧାନ ଶିକ୍ଷକ ଅନୁପ କୁମାର ଖାଡଙ୍ଗା, ପ୍ରଧାନ ଶିକ୍ଷକ କିରଣ କୁମାର ବେହେରା ,ପ୍ରଧାନ ଶିକ୍ଷକ ପଦାରବିନ୍ଦ ରାଉତ, ପ୍ରଧାନ ଶିକ୍ଷକ ହରେକୃଷ୍ଣ ପ୍ରଧାନ, ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାୟକ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାଇକ , ସହକାରୀ ଶିକ୍ଷକ ସନ୍ତୋଷ ପାତ୍ର, ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ଆରୁଖ, ସହକାରୀ ଶିକ୍ଷୟିତ୍ରୀ ସୁଜାତା ସାହୁ ପ୍ରମୁଖ ଯୋଗଦେଇଥିଲ। ଅତିଥି ମାନେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ନାଗରିକ ହେବା ପାଇଁ ପରାମର୍ଶ ଦେବାସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ବଣ୍ଟନ କରିଥିଲେ। ଶିକ୍ଷୟତ୍ରୀ ସୁଚିସ୍ମିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଶିବ ପ୍ରସାଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା।

## ପିସ୍ତଲ୍ ସହ ଜଣେ ଗିରଫ

ଛତ୍ରପୁର ୮/୩(ନି.ପ୍ର): ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅଧୀନ ବି.ତୋଟାପଲ୍ଲୀ ଗ୍ରାମର ସୁମନ୍ତ ନାହାକ ନାମକ ଜଣେ ଯୁବକଙ୍କ ଠାରୁ ଗୋଟିଏ ଦେଶୀ ପିସ୍ତଲ ପୁଲିସ ଜବତ କରିଛି । ଚମାଖଣ୍ଡି ଥାନା ପୁଲିସ ବିଶେଷ ସୂତ୍ରରୁ ସୂଚନା ପାଇ ଆଜି ବି.ତୋଟାପଲ୍ଲୀ ଗ୍ରାମର ସୁମନ୍ତଙ୍କୁ ଗାଁ ଛକରେ ଚଢ଼ଉ କରିଥିଲେ । ସୁମନ୍ତ ପୂର୍ବରୁ ବିଭିନ୍ନ ଅପରାଧ ମାମଲାରେ ଜଡିତ ଥିବା ନେଇ ପୁଲିସ ସବୁବେଳେ ସୁମନ୍ତଙ୍କ ଉପରେ ତୀକ୍ଷଣ ନଜର ରଖିଆସିଥିଲା । ଆଜି ସୁମନ୍ତକୁ ଧରିବାରେ ପୁଲିସ ସଫଳତା ହୋଇଥିବା ବେଳେ ତାଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ ଜବତ କରି ଗିରଫ କରିଛି । ବ୍ରହ୍ମପୁର ପୁଲିସ ଜିଲ୍ଲା ଦିଗପହଣ୍ଡି ଓ କେ.ନୂଆଗାଁ ଥାନା ଅଧୀନରେ ପୂର୍ବରୁ ୨ ଟି ମାମଲା ଥିବାନେଇ ଚମାଖଣ୍ଡି ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି ।

## ଓଡ଼ିଆ ଚଳଚିତ୍ର ଜଗତର ମୁକୁଟ ବିହୀନ ସମ୍ରାଟ ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଂଜଳି

କଟକ ୮/୩(ନି.ପ୍ର): ଜୀବନ ରଙ୍ଗମଞ୍ଚରେ ଅଭିନୟ ସାରି ବାହୁଡି ଗଲେ ଉତ୍ତମ । ଲିଭିଗଲା ଓଡ଼ିଆ ଚଳଚିତ୍ର ଜଗତର ଯାଯୁଲ୍ୟମାନ ତାରକା । ଅନେକ ସୁପରହିଟ ସିନେମାରେ ନିଖୁଣ ଭାବରେ ଅଭିନୟ କରି ଦର୍ଶକଙ୍କ ମନୋରଞ୍ଜନ କରୁଥିବା ଏହି ମହାନାୟକଙ୍କ ଦେହାନ୍ତରେ କଟକ ସଦର ଅଂଚଳର ଅଗ୍ରଣୀ ସାମାଜିକ ସଙ୍ଗଠନ 'ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ' ତରଫରୁ ସଭାପତି କବୀ ସରୋଜ ନଳିନୀ ପରିଡ଼ା,ଉପସଭାପତି ଉପେନ୍ଦ୍ର ବାରିକ୍,ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି,ଆଦର୍ଶ ଶିକ୍ଷାବିତ୍ ମିହିର କୁମାର ନାୟକ, ଏବଂ ଛାତ୍ରଛାତ୍ରୀ ମାନେ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ । ଚଳଚିତ୍ର ଜଗତରେ ଏକ ଯୁଗର ଅବସାନ ଘଟିଲା ବୋଲି ସଭାରେ ବକ୍ତା ମାନେ ମତବ୍ୟକ୍ତ କରିଥିଲେ ।

## ୧୨୯ ଜଣ ଜାମଦା ଚାଷୀଙ୍କଠାରୁ ୫୦୦ କୁଇଣ୍ଟାଲ ମାଣ୍ଡିଆ କ୍ରୟ



ମୟୂରଭଞ୍ଜ ୮/୩(ନି.ପ୍ର): ଚଳିତ ବର୍ଷ ଖରିଫ୍ ଋତୁରେ ଜାମଦା ବ୍ଲକରେ ଚାଷୀଙ୍କଠାରୁ ମାଣ୍ଡିଆ କ୍ରୟ କରାଯାଇଛି ।ବ୍ଲକରେ ୨ୟ ବର୍ଷରେ ୯ଟି ପଞ୍ଚାୟତର ୪୦ଟି ଗାଁ ରେ ୧୨୯ଜଣ ଚାଷୀଙ୍କଠାରୁ ୨୦୦କୁଇଣ୍ଟାଲ ଏଫ୍ଏକେ ମାନର ମାଣ୍ଡିଆ କ୍ରୟ କରାଯାଇଛି ।ଚଳିତ ଖରିଫ ଋତୁରେ ମୋଟ ୩୩୬ ହେକ୍ଟରରେ ମାଣ୍ଡିଆ ଚାଷ କରାଯାଇଥିଲା ।ମାଣ୍ଡିଆର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୪୫୦୦ଟଂକା ମୂଲ୍ୟରେ ୫୦୦ କୁଇଣ୍ଟାଲ ମାଣ୍ଡିଆ ସରକାର ଟିଡ଼ିସିସିଓଏଲ୍ ମାଧ୍ୟମରେ ମାତୃଶକ୍ତି ଏଫ୍ ପିଓ ଦ୍ୱାରା କ୍ରୟ କରାଯାଇଥିଲା ।୧ମ ପର୍ଯ୍ୟାୟରେ ୨୫୨ କୁଇଣ୍ଟାଲ ୭୦ଜଣ ଚାଷୀଙ୍କଠାରୁ ମାଣ୍ଡିଆ କିଣା ଯାଇଥିଲା ଏବଂ ତାହା ଡିବିଟି ଜରିଆରେ ବ୍ୟାଙ୍କ ଖାତାକୁ ୭୨ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଟଂକା ମିଳିଯାଇଛି ।ଚଳିତ ବର୍ଷ ଜାମଦା ବ୍ଲକରୁ ୭୦୦ କୁଇଣ୍ଟାଲ କ୍ରୟ ନିମନ୍ତେ ଲକ୍ଷ୍ୟ ରଖାଯାଇଥିଲା ।କୃଷି ବିଭାଗ ତତ୍ତ୍ୱାବଧାନରେ ମାତୃଶକ୍ତି ଏଫପିଓ ଏବଂ ଦୁଲାଲ ସଂଗଠନ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି ।ପାସନା ମାଣ୍ଡିଆ ମଣ୍ଡି ଆୟୋଜନରେ ଜାମଦା ବ୍ଲକ ର କୃଷି ଅଧିକାରିଣୀ ଶୁଭଲକ୍ଷ୍ମୀ ଦାଶ,ଦୁଲାଲ ବ୍ଲକ ସଂଯୋଜକ ଆଦିକନ୍ଦ ବେହେରା,ସହ ସଂଯୋଜକ ମଳୟ ରଂଜନ ଜେନା,ୟୁଏସ୍ଆଇ ସଂଗଠକ ପ୍ରଶ୍ନ କୁମାର ଶତପଥୀ ଏବଂ ମାତୃଶକ୍ତିର ସମସ୍ତ ସିଆର୍ପି ମାନେ ଉପସ୍ଥିତ ଥିଲେ ।

## ମାସିକ ଋତସ୍ରାବ ସ୍ୱଚ୍ଛତା ପରିଚାଳନା ଉଦ୍ଦୀପନା କାର୍ଯ୍ୟକ୍ରମ


ତେନ୍ତୁଳିଖୁଣ୍ଟି ୮/୩(ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ ଅନ୍ତର୍ଗତ ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ଇଟିପିଏ ଫାଉଣ୍ଡସନ ତତଫରୁ ଋତୁ ସ୍ରାବ ସ୍ୱଚ୍ଛତା ପରିଚାଳନା ଏମହେଚଏମ ପ୍ରକଳ୍ପ ମାଧ୍ୟମରେ ତେନ୍ତୁଳିଖୁଣ୍ଟି ବ୍ଲକ ୧୦ଗୋଟି ଉଚ୍ଚ ବିଦ୍ୟାଳୟ ର କିଶୋରୀ ବାଳିକାମାନଙ୍କୁ ନେଇ ସଚେତନତା ସଭା ଅନୁଷ୍ଠିତ ହେଇଥିଲା । କାର୍ଯ୍ଯ କ୍ରମ ମୁଖ୍ୟ ଅତିଥି ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ପୁଷ୍ପା ରାଣୀ ପଟ୍ଟନାୟକ। ସମ୍ମାନୀୟ ଅତିଥି ଅଙ୍ଗନବାଡ଼ି ସୁପର ଭାଇଜର ଶ୍ରୀମତୀ ସବିତା ଉପାସୀ, ମିଶନ ଶକ୍ତି ବ୍ଲକ କୋଡ଼ିନେଟର ସନାତନ ଖଟୁଆ, ମୁଖ୍ୟ ବକ୍ତା ଭାବେ ଉଚ୍ଚଶିକ୍ଷିତ, ସମାଜ ସେବୀ ତଥା ଅବସରପ୍ରାପ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ମୋନରମା ମାଝୀ ଉପସ୍ଥିତ ଥିଲେ । ୭ଟି ବିଷୟରେ କିଶୋରୀ ବାଳିକାମାନଙ୍କୁ ଋତୁସ୍ରାବ ସମ୍ବନ୍ଧରେ ସଚେତନ କରିଥିଲେ। ବାଳିକା ମାନଂକ ପାଇଁ ସରକାର ଯୋଜନା ବିଷୟରେ ନିଜ ମତ ରଖିଥିଲେ। ବିଦ୍ୟାଳଗୁଡିକରୁ ଆସିଥିବା ଛାତ୍ରୀଙ୍କୁଚିତ୍ରାଙ୍କନ, ବକୃତା ପ୍ରତିଯୋଗୀତାରେ ସମସ୍ତ ବିଦ୍ୟାଳୟ ପ୍ରଥମ, ଦ୍ୱିତୀୟ, ତୃତୀୟ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ଯ କ୍ରମ ରେ ମହିଳା ମାନଙଙ୍କୁ ନେଇ ପ୍ରତିଯୋଗୀତା ଅନୁଷ୍ଟିତ ପ୍ରଥମ ଦ୍ୱିତୀୟ ସ୍ଥାନ ପାଇଥିବା ବ୍ୟକ୍ତିମାନେ ପୁରସ୍କାର ପ୍ରଦାନ କରିଥିଲେ। ସ୍ୱଚ୍ଛତା କିଚେନ୍ ଗାର୍ଡେନ ସୁଚାର ରଖିବା ଭାବେ ଶ୍ରେଷ୍ଠ ଅଙ୍ଗନବାଡ଼ି କର୍ମୀ ଭାବେ ସନ୍ଧ୍ୟା ରାଣୀ ବିଶ୍ୱାଳ ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ଯ କ୍ରମ ରେ ତେନ୍ତୁଳି ଖୁଣ୍ଟି ଇଟିପିଏ ଫାଉଣ୍ଡେସନ ପ୍ରଜେକ୍ଟେ କଡିନେଟର ଶୁଲେଖା ସୁନା ମଂଚ ପରିଚେଳନା କରିଥିଲେ। କାର୍ଯ୍ୟ କ୍ରମ ପରିଚାଳନାରେ ତେନ୍ତୁଳି ଖୁଣ୍ଟି ଇଟିପିଏ ଫାଉଣ୍ଡେସନ କର୍ମ ଚାରି ଦିଲିପ କୁମାର ସୁନା,କେ ନୈନା ପାତ୍ର, ସଂଯୁକ୍ତା ଗଡ଼ତା ପ୍ରମୁଖ ସହଯୋଗ କରିଥିଲେ।

# ସ୍କାଉଟସ୍ ଏବଂ ଗାଇଡସ୍‌ର "ସମର୍ଥ ଯୁବା" ଶିବିର

ଭୁବନେଶ୍ୱର, ୮/୩: ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍ ଦ୍ୱାରା ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ରୋଭର ଏବଂ ରେଞ୍ଜରମାନଙ୍କୁ ନେଇ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା "ସମର୍ଥ ଯୁବା" ଆଜି ସଂଧ୍ୟାରେ ଉଦ୍‌ଯାପିତ ହୋଇଅଛି। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳି ପ୍ରସାଦ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେଯେ ଓଡିଶାର ବିଭିନ୍ନ କୋଣ ଅନୁକୋଣରେ ଲୁଚି ରହିଥିବା ଯୁବ ପ୍ରତିଭାମାନଙ୍କୁ ଖୋଜି ବାହାର କରି ସେମାନଙ୍କୁ ଉତ୍ସାହିତ କରିବା ଲାଗି ଏହି ଶିବିରର ଆୟୋଜନ କରାଯାଇଛି । ଏହି ଶିବିରରେ ଓଡ଼ିଶାର ୫୨ଟି ମହାବିଦ୍ୟାଳୟରୁ ୪୫୦ ଜଣ ରୋଭର, ରେଞ୍ଜର, ରୋଭର ସ୍କାଉଟ ଲିଡର, ରେଞ୍ଜର ଲିଡର ଯୋଗ ଦେଇ "ସମର୍ଥ ଯୁବା"ର ବିଭିନ୍ନ ଦିବସରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ଯଥା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କିପରି କରିପାରିବେ ତାହା ଉପରେ ଏକ ଅଧିବେଶନ କରାଯାଇଥିଲା, ପାଇଓନେରିଙ୍ଗ୍, ପ୍ରାଥମିକ ଚିକିତ୍ସା, ଆଡଭୋକେସି କର୍ଣ୍ଣର, ପରିବେଶ ସଚେତନତା, ବକ୍ତୃତା ପ୍ରତିଯୋଗିତା, ଆତ୍ମରକ୍ଷା କୌଶଳ ତାଲିମ୍ ଆଦି ଦିଆଯାଇଥିଲା । ଏତଦ୍‌ବ୍ୟତୀତ ବନ୍ୟଜନ୍ତୁ ଉପରେ ଜୀବନବ୍ୟାପୀ ଗବେଷଣା କରୁଥିବା ଡଃ. ଲାଲା ଅଶ୍ୱିନୀ କୁମାର ସିଂହଙ୍କ ଦ୍ୱାରା ପରିବେଶ ସନ୍ତୁଳନ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ଶିବିରଟିକୁ ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ମିହିର ରଞ୍ଜନ ପଟ୍ଟନାୟକ, ଆଡିମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ, ଯୁଗ୍ମ ସଂଗଠନ କମିଶନର ଶ୍ରୀମତୀ ପୁଷ୍ପାଞ୍ଜଳି ମହାପାତ୍ର, ରାଜ୍ୟ ତାଲିମ୍ କମିଶନର ଶ୍ରୀଯୁକ୍ତ ସୁରଜିତ୍ ସେନ୍‌ଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ବେଳେ କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ ଏହି ଶିବିରରେ ସହାୟତା କରିଥିଲେ । ଶେଷରେ ସମର୍ଥ ଯୁବାରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ହାସଲ କରିଥିବା ରୋଭର, ରେଞ୍ଜରମାନଙ୍କୁ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ରଙ୍କ ଦ୍ୱାରା ମାନପତ୍ର ଓ ଫଳକ ପୁରସ୍କୃତ କରାଯାଇଥିଲା ।



## ହାପି କ୍ଲବ କ୍ରିକେଟ ପ୍ରତିଯୋଗୀତା, କାଳିଆ ଷଣ୍ଢ ଦଳ ଚମ୍ପିୟାନ



ପାଟଣା ୮/୩(ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ପଞ୍ଚାୟତ ଟିକିରା ଟିକିରା ହାପି କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ପ୍ରତିଯୋଗୀତା ଗତ ସନ୍ଧ୍ୟାରେ ଉଦଯାପିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଙ୍କ ପତ୍ନୀ ତଥା ବିଜେପି ଜିଲ୍ଲା କାର୍ଯକାରିଣୀ ସଦସ୍ୟ ଲବଙ୍ଗଲତା ନାୟକ, ମୁଖ୍ୟବକ୍ତା ଭାବେ ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚାର ସଭାନେତ୍ରୀ ମମତା ସିଂ, ସମ୍ମାନିତ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯକାରିଣୀ ସଦସ୍ୟ ଅମର ସିଂ, ପଇଡାପାଟଣା ସରପଞ୍ଚ ମୁକୁନ୍ଦ ମୁଣ୍ଡା, ରବୀନ୍ଦ୍ର କୁମାର ମାଝୀ,ଜିତେନ୍ଦ୍ର ପଲେଇ, ଜଗବନ୍ଧୁ ସାମଲ, ମହୁର ନାଏକ ଏବଂ କୈଳାଶ ନାଏକ ପ୍ରମୁଖ ଯୋଗ ଦେଇ ବିଜୟୀ ଦଳ ଓ କୃତି ଖେଳାଳି ଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ । ସଞ୍ଜୟ କୁମାର ସାହୁ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ହାପି କ୍ଲବର ଉପଦେଷ୍ଟା ରବୀନ୍ଦ୍ର କୁମାର ମାଝୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚ୍ ଡିମ୍ବ୍ରୋ ର କାଳିଆ ଷଣ୍ଢ ଦଳ ସହିତ ଲଙ୍ଗଳକଣ୍ଟି ର ଅଣ୍ଡର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥଲା । ୧୨ ଓଭର ରେ କାଳିଆ ଷଣ୍ଢ ଦଳ ୧୨୭ ରନ ସଂଗ୍ରହ କରିଥିଲା । ଜବାବରେ ଅଣ୍ଡର ଏକାଦଶ ସମସ୍ତ ୱିକେଟ ହରାଇ ୭୩ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା । ଚମ୍ପିୟାନ ଦଳ କୁ ୧୫ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରଯାଇଛି ।

## କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଆୟୋଜିତ



ବାଲିଗୁଡା ୮/୩(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ଅନ୍ତର୍ଗତ ରୁତୁଙ୍ଗିଆ ପଞ୍ଚାୟତର କଟ୍ରିକିଆ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇ ଦିନିଆ କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ସାଧନ ସଂଯୋଜକ ସାବତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରୁତୁଙ୍ଗିଆ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ପିଙ୍କି ପ୍ରଧାନ ଯୋଗଦେଇ ଦୀପ ଧୂପ ପ୍ରଜ୍ଜଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ଏଥିରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବାଲିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ ଯୋଗ ଦେଇ କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା କାର୍ଯ୍ୟକ୍ରମର ଉଦେଶ୍ୟ ଓ ଉପଯୋଗୀତା ସହ ଶୈକ୍ଷିକ ବିକାଶରେ ମାତା ଓ ପିଲାଙ୍କ ଭୂମିକା ସମ୍ପର୍କରେ ସମ୍ୟକ ଅଭିଭାଷଣ ପ୍ରଦାନ କରିଥିଲେ । ଏହି କ୍ଲଷ୍ଟରରେ ଥିବା ସାଧନ କର୍ମୀ ପଦ୍ମଚରଣ ପ୍ରଧାନୀ ଓ ପ୍ରଦୀପ ମଳିକଙ୍କ ସମେତ ୧୫ଟି ବିଦ୍ୟାଳୟରୁ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇ ନିଜ ନିଜର ସୃଜନଶୀଳତାକୁ ବ୍ୟବହାର କରି 'ଆମ ସଂସ୍କୃତି ଓ ଆମ ଖେଳନା' ସମ୍ପର୍କିତ ଟିଏଲଏମ ପ୍ରସ୍ତୁତ ପୂର୍ବକ ପ୍ରଦର୍ଶନ କରିଥିଲେ। ଶେଷରେ ସାଧନ କର୍ମୀ ପ୍ରଦୀପ ମଳିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ

ଭବାନୀପାଟଣା ୮/୩(ନି.ପ୍ର): କଳାହାଣ୍ଡି ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ତରଫରୁ ଦୁଆରସନୀ ଗ୍ରାମ ପଞ୍ଚାୟତରେ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସହକାରୀ ନିର୍ଦ୍ଦେଶକ ଜିଲ୍ଲା ଆର୍ଥିକ ସେବା ଓ ସ୍ୱଳ୍ପ ସଞ୍ଚୟ ବିବେକାନନ୍ଦ ମହାନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଭବାନୀପାଟଣା କୃଷ୍ଣ ପ୍ରସନ୍ନ ପଣ୍ଡା ଯୋଗଦେଇ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦିଗରେ ଚିଟଫଣ୍ଡ କମ୍ପାନୀରେ ଟଙ୍କା ବିନିଯୋଗ କରିବାର ଅପକାରିତା, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଜୀବନ ବୀମା, ଅଟଳ ପେନସନ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଏଥିରେ ମିଶନଶକ୍ତି ମଣ୍ଡଳୀ ଓ ଅଙ୍ଗନବାଡି କର୍ମକର୍ତ୍ତା କର୍ମୀ ଯୋଗ ଦେଇଥିଲେ ।



## କଣାସ ଥାନା ପକ୍ଷରୁ ଆଇନ ସଚେତନତା ଶିବିର

କଣାସ ୮/୩(ନି.ପ୍ର): ପୁରୀ ଜିଲ୍ଲା କଣାସ ଥାନା ପକ୍ଷରୁ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂତନ ଆଇନ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି ।୨୦୨୪ ଜୁଲାଇ ପହିଲାରୁ ଲଗୁହୋଇଥିବା ନ୍ୟାୟ ବେବସ୍ଥାର ନୂତନ ଆଇନ ସଂପର୍କରେ ଥାନା ଅଧିକାରୀ ଶ୍ରୀ ଜୁଝାରସିଂହ ବିସ୍ତୃତ ଭାବେ ଆଲୋକପାତ କରିଥିଲେ ।ଏଥିରେ ନୂତନ ଆଇନ ସଂଶୋଧିତ ସମ୍ପର୍କରେ ଜନ ସାଧାରଣଙ୍କୁ ସଚେତନ କରାଇବା ପାଇଁ ଆଲୋଚନା ହୋଇଥିଲା ।ଛୋଟ ଅପରାଧରେ କମ୍ୟୁନିଟି ସର୍ଭିସ୍,ଜିରୋ ଏଫ୍ଆଇଆର, ଅନଲାଇନ୍ ଏତେଲା,ଦେଶଦ୍ରୋହ ,ଚୋରା ମଦ ଓ ବ୍ରାଉନସୁଗାର କାରବାର ,ଚୋରା ବାଲି ଚାଲାଣ, ସନ୍ତ୍ରାସବାଦ କାର୍ଯ୍ୟ କଳାପ ପାଇଁ କଠୋର ଦଣ୍ଡବିଧାନ,ଛିନତାଇ ପାଇଁ ଓ ଅନ୍ୟାନ୍ୟ ଅପରାଧ ପାଇଁ ସ୍ୱତନ୍ତ୍ର ଧାରା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଥାନା ଏସଏସଇ ଦେବୀ ପ୍ରସାଦ ଲେଙ୍କା,ସନ୍ତୋଷ ବିଶ୍ୱାଳ,ସରୋଜକାନ୍ତ ଆଚାର୍ଯ୍ୟ,ବାପୁଜୀ ଭୂଷଣ ମାଝୀ, ରହିମ୍ ଖାନ୍,ପ୍ରଧାନ ଶିକ୍ଷୟତ୍ରୀ ସୁଲେଖା ମହାପାତ୍ର,ଆଇନଜୀବୀ,ବୁଦ୍ଧିଜିବୀ,ଶିକ୍ଷାବିତ୍ ଓ ସାମ୍ବାଦିକ ଉପସ୍ଥିତ ଥିଲେ ।

## ପାଟଣା ରେ ବ୍ଲକ ସ୍ତରୀୟ ସୁଭଦ୍ରା ସଚେତନତା କର୍ମଶାଳା

ପାଟଣା ୮/୩(ନି.ପ୍ର): ପାଟଣା ବ୍ଲକ ସ୍ତରୀୟ ସୁଭଦ୍ରା ସଚେତନତା କର୍ମଶାଳା, ପଥପ୍ରାନ୍ତ ସଭା ଓ ସଚେତନତା ଶୋଭାଯାତ୍ରା ବ୍ଲକ ବ୍ଲକ ମୁଖ୍ୟାଳୟ ବଡ଼ପାଟଣା ପଞ୍ଚାୟତ ରେ ଅନୁଷ୍ଠିତ ହୋଇ ଯାଇଛି ।କାର୍ଯ୍ୟକ୍ରମ ରେ ବଡ଼ପାଟଣା ସରପଞ୍ଚ ବିନତି ବାନରା, ସୁଭଦ୍ରା ସହାୟତା କେନ୍ଦ୍ର ର ସସ୍ମିତା ମହାନ୍ତ, ପଞ୍ଚାୟତ ପରିଦର୍ଶିକା ରନ୍ମଣୀ ମହାନ୍ତ ବଡ଼ପାଟଣା ପିଇଓ ତପନ କୁମାର ମହାନ୍ତ, ଏଡଡିଇଓ ନିହାର ରଞ୍ଜନ ପରିଡ଼ା, ନୋଡାଲ ଅଧିକାରୀ ଜମାଲୁଦିନ ଖାନ,ପଞ୍ଚାୟତ ମିଶନ ଶକ୍ତି ସଭାନେତ୍ରୀ ଅନିତା ମହାନ୍ତ ସମ୍ପାଦିକା ସ୍ୱର୍ଣ୍ଣଲତା ଦାଶ, ଖିରେଇଟାଙ୍ଗିରୀ , ରାଜନଗର,ସେକ୍ଟର ର ପରିଦର୍ଶିକା ସମସ୍ତ ସିଆରପି,ଏମବିକେ,ଇସି ସଦସ୍ୟ ଅଙ୍ଗନବାଡି କର୍ମୀ, ହମାରା ବଚପନ ଟ୍ରଷ୍ଟ ସଂସ୍ଥା ର ସ୍ନେହଲତା ନାଏକ ପ୍ରମୁଖ ସମଗ୍ର କାର୍ଯ୍ୟକ୍ରମ ରେ ସାମିଲ ଥିଲେ।

## ଗର୍ଜନୀ ନଦୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର

ବାଲିଗୁଡା ୮/୩(ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ରାଇକିଆ ନିକଟସ୍ଥ ଗର୍ଜନୀ ନଦୀରୁ ଜଣେ ଯୁବକଙ୍କ ମୃତଦେହ ରାଇକିଆ ପୋଲିସ ଉଦ୍ଧାର କରିଛି । ମୃତ ଯୁବକ ଜଣକ ହେଲେ ରାଇକିଆ ପଞ୍ଚାୟତ ସାହିର ଦିନେଶ ନାୟକ (୨୮) । ନଦୀକୁ ଗାଧୋଇବା ପାଇଁ ଯାଇଥିବାବେଳେ କୌଣସି କାରଣ ବଶତଃ ଖସି ଯାଇ ପାଣିରେ ପଡି ଯାଇ ତାଙ୍କର ମୃତ୍ୟୁ ଘଟିଥିଲା । ସେଠାରେ କୌଣସି ଲୋକ ନ ଥିବାରୁ ତୁରନ୍ତ ତାଙ୍କୁ କେହି ବି ଉଦ୍ଧାର କରି ପାରି ନ ଥିଲେ। ଆଖପାଖ ଲୋକେ ଗାଧୋଇଆସିବା ସମୟରେ ଦେଖି ସଙ୍ଗେ ସଙ୍ଗେ ରାଇକିଆ ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦେବାପରେ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ ।

# ଘରୋଇ ଅନୁଷ୍ଠାନରେ ଫି' ଦେଇ ନ ପାରି ପରୀକ୍ଷାରୁ ବଞ୍ଚିତ ଘଟଣା: ୫ ଦିନ ପରେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଦେବାକୁ ମିଳିଲା ସୁଯୋଗ

ବାଲିଗୁଡା ୮/୩(ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ଶିକ୍ଷା ବିଭାଗ ଅଧୀନରେ ରହିଥିବା ସିମନବାଡି ପାଦ୍ରୀପିଓ ଇଂରାଜୀ ମିଡିୟମ ବିଦ୍ୟାଳୟରେ ପରୀକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ଘଟଣା ଇତିମଧ୍ୟରେ ପାଞ୍ଚ ଦିନ ବିତିଯାଇଥିଲେ ସୁଦ୍ଧା ଦାରିଙ୍ଗବାଡି ବିଇଓ ହାଡ଼ିବନ୍ଧୁ ବେହେରା ଘଟଣାକୁ ନେଇ କୌଣସି ପଦକ୍ଷେପ ନନେବା କିମ୍ବା ଘଟଣା ଘଟିଥିଲେ ମଧ ତଦନ୍ତ ନକରିବା ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଯାଇଛି। ବିଇଓଙ୍କ କାର୍ଯ୍ୟାଳୟରୁ ମାତ୍ର ୧୨ କିମି ଦୂରତାରେ ଉକ୍ତ ବିଦ୍ୟାଳୟ ରହିଥିବା ବେଳେ କେଉଁ ପରିସ୍ଥିତିରେ ବିଇଓ ଘଟଣା ରେ ଛାତ୍ରୀଛାତ୍ର ବଞ୍ଚିତ ହୋଇଥିଲେ ମଧ ସେ ନିରବ ରହିବା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ଅଭିଭାବକ ମାନେ କହିଛନ୍ତି। ଘରୋଇ ଅନୁଷ୍ଠାନ କୁ ସରକାରୀ ସ୍ତରରେ ବିଇଓ ତଦନ୍ତ କରି ଏନଓସି ପ୍ରଦାନ କରିଥାନ୍ତି ସରକାରଙ୍କ ଗାଇଡଲାଇନକୁ ମାନି ଘରୋଇ ଅନୁଷ୍ଠାନ ଗୁଡିକ ବିଦ୍ୟାଳୟ ପରିଚାଳନା କରିବା ନିୟମ ସଠିକ ଭାବେ ପାଳନ କରାଯାଉଛିକି ନାହିଁ



ତାର ତଦାରଖ କରିବା ନିୟମ କୁ ତଦାରଖ କରିବା ବିଇଓଙ୍କ ଦାୟିତ୍ୱ ରହିଥିଲେ ସୁଦ୍ଧା ତାହା ପାଳନ କରାଯାଉନଥିବା ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ତେବେ ଛାତ୍ରୀଛାତ୍ର ପରୀକ୍ଷାରୁ ବଞ୍ଚିତ ହୋଇଥିବା ନେଇ ଅଭିଭାବକ ମାନେ କନ୍ଧମାଳ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ଶିକ୍ଷାଧିକାରୀ, ବିଇଓ, ବ୍ଲକ ଅଧକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କେବଳ ଖବର ପ୍ରକାଶିତ କୁ ନେଇ ରାଜ୍ୟ ଅନୁସୂଚିତ ଜନଜାତି, ଜାତି ବିଭାଗର ସଚିବ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଏହି କ୍ରମରେ ଦାରିଙ୍ଗବାଡି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି ତଦନ୍ତ କରି ଜିଲ୍ଲାକୁ ରିପୋର୍ଟ ଦେଇଛନ୍ତି ସେ ତଦନ୍ତ କରିବା ସମୟରେ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଅନେକ ତ୍ରୁଟି ଥିବା ସେ ରିପୋର୍ଟ ରେ ଦର୍ଶାଇଛନ୍ତି। ଏକାଧିକ ଅଭିଭାବକ ଫି'ଦେଇପାରି ନଥିବା ବେଳେ ହାତ ଗଣତି କିଛି ଛାତ୍ରୀଛାତ୍ରଙ୍କୁ ବାର୍ଷିକ ପରୀକ୍ଷାରୁ ବଞ୍ଚିତ କରାଯାଇଛି ସେହିପରି ବକେୟା ଥିଲେ ପରୀକ୍ଷା ଦେଇପାରିବେନି ବୋଲି କୌଣସି ଅଭିଭାବକଙ୍କ ଠାରୁ ଅଣ୍ଡରଟେକିଂ ଲିଖିତ ରଖାଯାଇନଥିବା ଭଳି ତ୍ରୁଟିକୁ ସେ ରିପୋର୍ଟରେ ଦର୍ଶାଇଥିବା ଜଣାପଡିଛି। ସେପଟେ ନିଜ ଭୁଲ କୁ ସୁଧାରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ତଦନ୍ତ ପରେ ଅଭିଭାବକ ମାନଙ୍କୁ ବୈଠକ ଡାକିବା ସହ ପରୀକ୍ଷାରୁ ବଞ୍ଚିତ ଛାତ୍ରଙ୍କୁ ସୁଯୋଗ ଦେଇଛନ୍ତି। ପ୍ରକାଶ ଯେ, ସୋମବାର ଠାରୁ ଷଷ୍ଠ ଠାରୁ ନବମ ପର୍ଯ୍ୟନ୍ତ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ବାର୍ଷିକ ପରୀକ୍ଷା ଚାଲିଥିବାବେଳେ ୫ ଦିନ ପରେ ପରୀକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇପାରିଥିବା ଅଭିଭାବକ ପ୍ରତାପ ଦିଗାଲ, ଶ୍ୟାମସେନ ଦିଗାଲ କହିଛନ୍ତି। ବିଇଓ ଆସି ନ ଥିବା ନେଇ ବିଇଓ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଯେ, ସେ ସରକାରଙ୍କ ନିୟମ ଉଲଂଘନ କରିଥିଲେ ତଦନ୍ତ କରିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଜାମଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

## ୨୦୨୫ ଷ୍ଟୁଡେଣ୍ଟ୍ ଅଫ୍ ଦ୍ୟା ଇଅର - ଅନନ୍ୟା

ମୟୁରଭଞ୍ଜ ୮/୩(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଜାମଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ(କେଜିବିଭି)ଠାରେ ୧୫ତମ ବାର୍ଷିକ ଉତ୍ସବ ଜାମଦା ଏବିଇଓ ପ୍ରତାପ ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଜାମଦା ବିଇଓ ସୁରେଶ ଚନ୍ଦ୍ର ମୁଣ୍ଡା ଉପସ୍ଥିତ ରହି ବିଦ୍ୟାଳୟର ସଫଳତା ବିଷୟରେ ପ୍ରଶଂସା କରିବା ସହିତ ଶୃଙ୍ଖଳା ଛାତ୍ରଛାତ୍ରୀ ମାନଙ୍କୁ ଭଲ ମଣିଷ କରି ଗଢ଼ିତୋଳେ ବୋଲି ମାର୍ଗଦର୍ଶନ କରିଥିଲେ ।ମୁଖ୍ୟବକ୍ତା କାହ୍ନୁଚରଣ ଗିରି(ପୂର୍ବତନ ଛାତ୍ର) ଶିଷ୍ଟାଚାର,ସଂସ୍କାର ଉପରେ ଗୁରୁତ୍ୱାରୋପ କରିବା ସହ ଉତ୍ତମ ଛାତ୍ର ଓ ଛାତ୍ରୀ ହୋଇ ବିଦ୍ୟାଳୟର ମାନ ବୃଦ୍ଧି କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । 'ଜ' ର ୫ଟି ଶବ୍ଦ ଜନନୀ, ଜନ୍ମଭୂମି, ଜାହ୍ନବି, ଜନକ, ଜନାର୍ଦ୍ଦନ ଉପରେ,'ଭ' ର ୬ଟି ଶବ୍ଦ ଭାଷା, ଭୂଷା, ଭଜନ, ଭ୍ରମଣ, ଭବନ, ଭୋଜନ ଉପରେ, 'ପ' ର ୧୦ଟି ଶବ୍ଦ ପତି, ପତ୍ନୀ, ପୁତ୍ର, ପୁତ୍ରୀ, ପରିବାର, ପ୍ରେମ, ପ୍ରତିଷ୍ଠା, ପ୍ରଶଂସା, ପରୀକ୍ଷା, ପଇସା ଏବଂ ପଞ୍ଚମୁଖୀ ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ଜଗନ୍ନାଥ, ବଳରାମ ବିଶଷୟରେ ବହୁମୂଲ୍ୟ କଥା ବିଶ୍ଲେଷଣ କରି ପ୍ରାଞ୍ଜଳ ଭାବରେ ଆଲୋକପାତ କରିଥିଲେ ତତ୍ ସହ ବିଦ୍ୟାଳୟର ପାଚେରୀ ଫାଟକ ଭଗ୍ନ ଅବସ୍ଥାରେ ଥିବା ଯୋଗୁ ଦୁଃଖ ପ୍ରକାଶ କରିଥିଲେ ।ପ୍ରଶାସନ ତୁରନ୍ତ ବିଦ୍ୟାଳୟର ବକେୟା କାମ,ଫାଟକ କାମ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ବିନମ୍ର ଅନୁରୋଧ କରିଥିଲେ ବକ୍ତବ୍ୟ ମାଧ୍ୟମରେ ।ସମ୍ମାନୀୟ ଅତିଥୀ ସୁରେନ୍ଦ୍ର ନାୟକ ବାର୍ଷିକ ଉତ୍ସବର ଲକ୍ଷ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହ ବହୁମୂଲ୍ୟ ଉପଦେଶଭିତ୍ତିକ ବକ୍ତବ୍ୟ ପ୍ରଦାନ କରିଥିଲେ ।ବରିଷ୍ଠ ନାଗରିକ ଲକ୍ଷ୍ମୀଧର କବାଟ ସାର,ମାନସ



ରଂଜନ ମୁହାକୁଡ,ଦେବକିଶୋର କାଳନ୍ଦୀ,ପ୍ରମନ ଶତପଥୀ,,ୟୁଏସ୍ଆଇ ସଂଗଠନର ରାଜ୍ୟ ସମ୍ପାଦକ ପ୍ରଶ୍ନ କୁମାର ଶତପଥୀ ,ଦେଉକୁଣ୍ଡି ସିଆରସିସି ନିରଞ୍ଜନ ଗୋପ ଉପସ୍ଥିତ ଥିଲାବେଳେ ପ୍ରଧାନଶିକ୍ଷୟତ୍ରୀ ଗୀତାରାଣୀ ମହାନ୍ତ ୨୦୨୪-୨୫ ବାର୍ଷିକ ବିବରଣୀ ପଠନ କରିବା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ପିଲାମାନଙ୍କ ନିମନ୍ତେ ଖେଳ ପଡ଼ିଆ ନ ଥିବାରୁ ଖେଳପଡ଼ିଆ ଆବଶ୍ୟକ ବୋଲି ବିବରଣୀ ପଠନ ରେ ଅବଗତ କରିଥିଲେ ।ବିଦ୍ୟାଳୟର ଶିକ୍ଷାଦାନ ପଦ୍ଧତି ସତନ୍ତ୍ରତା ଏବଂ ମୂଲ୍ୟବୋଧ ଓ ଗୁଣାତ୍ମକ ଶିକ୍ଷା ଉପରେ ପ୍ରତିଷ୍ଠିତ ଅଟେ, ଭବିଷ୍ୟତର ମାନବ ସମ୍ବଳ ହେଉଛନ୍ତି ଏହି ଛାତ୍ର ଛାତ୍ରୀ ମାନେ । ଶିକ୍ଷା ହେଲେ ବ୍ୟକ୍ତି ର ସାମାଜିକ, ମାନସିକ, ବୈଧିକ ତଥା ସାମଗ୍ରିକ ବିକାଶ କୁ ବୁଝାଇ ଥାଏ କ୍ଷ ଆମେ ନିଜେ ସମୟାନୁବର୍ତ୍ତି ହେଲେ ଛାତ୍ରଛାତ୍ରୀ ମାନେ ମଧ୍ୟ ସମୟାନୁବର୍ତ୍ତି ହେବେ। ସମୟାନୁବର୍ତ୍ତି କହିଲେ କେବଳ ଠିକ ସମୟରେ ବିଦ୍ୟାଳୟକୁ ଆସିବା ଏବଂ ଯିବାକୁ ବୁଝାଏ ନାହିଁ। ଏହା ସମୟାନୁବର୍ତ୍ତିର ଅଂଶକୁ ବୁଝାଇଥାଏ। ପ୍ରତ୍ୟେକ ମୂଲ୍ୟବାନ ସମୟକୁ ଠିକ ହିସାବରେ ବିନିଯୋଗ କରିବା ଦିଗରେ ଛାତ୍ରଛାତ୍ରୀ ମାନଙ୍କର ଦାୟିତ୍ୱ ରହିଛି, ଶିଶୁ ଟିଏ ଯେତେବେଳେ ବୁଝିପାରିବ " ସମୟ ବଡ ମୂଲ୍ୟବାନ " ସେତିକିବେଳେ ସେ ଜଣେ ଭଲ ଛାତ୍ରଛାତ୍ରୀ ସେହିଁ ଭଲ ମଣିଷ ଟିଏ ହୋଇ ନାଁ ଅର୍ଜନ କରି ଦେଶଜାତିର ଗୌରବମୟ ଜୀବନ ଅତିକ୍ରମ କରିପାରିବେ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଉପସ୍ଥାପନ କରିଥିଲେ ।ଶିକ୍ଷା ଏପରି ଏକ ସମ୍ପଦ ଯାହାକି କାହାକୁ ଦେଲେ ସରେ ନାହିଁ ବରଂ ଶିକ୍ଷାର ପ୍ରସାର ଅଧିକ ହୋଇଥାଏ। ଶିକ୍ଷକ ଓ ଛାତ୍ର ଛାତ୍ରୀ ମାନଙ୍କ ସହିତ ଉତ୍ତମ ବୁଝାମଣା ରହିଲେ ଶିକ୍ଷାର ବିକାଶ ନିଶ୍ଚିତ ।ବର୍ତ୍ତମାନର ଛାତ୍ର ଛାତ୍ରୀ ମାନଙ୍କୁ ସ୍କାର୍ଟ କରିବା ପାଇଁ ହେଲେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସ୍ମାର୍ଟ ହେବାକୁ ପଡିବ। ଗୁରୁମାନେ ଉପଯୁକ୍ତ ଶିକ୍ଷା ପ୍ରଦାନ କଲେ ପିଲାଙ୍କର ଶିକ୍ଷକ ପ୍ରତି ଭକ୍ତି ରହିଲେ ଶିକ୍ଷାର ବିକାଶ ସୁନିଶ୍ଚିତ ହେବ ବୋଲି ଅତିଥିମାନେ କହିଥିଲେ ।ଉକ୍ତ ଉତ୍ସବରେ ୨୦୨୫ ଷ୍ଟୁଡେଣ୍ଟ୍ ଅଫ୍ ଦ୍ୟା ଇଅର ହରିପ୍ରିୟା ପାତ୍ର, ୨୦୨୫ ର ଅନନ୍ୟା ପୂଜା ବାରିକ ଶିକ୍ଷକ ଦେବକିଶୋର କାଳନ୍ଦୀ ଘୋଷଣା ପୂର୍ବକ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରିବା ସହ ସମ୍ବର୍ଦ୍ଧନା ସହ ସମ୍ମାନ କରାଯାଇଛି ।ପରେ କୃତି ବିଦ୍ୟାର୍ଥୀମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା ।ସ୍ୱାଗତନୃତ୍ୟ/ ସ୍ୱାଗତ ସଂଗୀତ-ବିଦ୍ୟାଳୟର ଛାତ୍ରୀ ବୈଶାଖୀ ନନ୍ଦ,ବର୍ଷା ନନ୍ଦ,ଆରତୀ ମୁର୍ମୁ,ଅଞ୍ଜଳୀ ହାଁସଦାଃ,ଲିପ୍ସା ମହାକୁଡ଼,ରଶ୍ମୀ ମହାକୁଡ଼,ଅନୁଶ୍ରୀ ଗିରି,ନିଶାମଣୀ ମହାକୁଡ଼,ପାର୍ବତୀ ତିରିଆ,ଡାଙ୍ଗୀ ସୋରେନ୍,ପୂଜା ପୂର୍ତ୍ତୀ,ବର୍ଷାରାଣୀ ବାରିକ୍,ଶୁଭଶ୍ରୀ ନନ୍ଦ ପ୍ରମୁଖ ନିଦ୍ୟାର୍ଥୀଗଣ ଅଂଶଗ୍ରହଣ କରିଥିଲେ ।ଏହି ଉତ୍ସବରେ ପ୍ଲାଷ୍ଟିକ୍ ବର୍ଜନ କରିବା ,ବୃକ୍ଷ ରୋପଣ କରି ପରିବେଶର ସୁରକ୍ଷା କରିବା ସହ ସ୍ୱଚ୍ଛ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା,କନ୍ୟାସନ୍ତାନ ର ସୁରକ୍ଷା କରିବା ଆଦି ବିଷୟରେ ଶିକ୍ଷୟତ୍ରୀ ରୋଜଲିନା ବେହେରା ବିଦ୍ୟାର୍ଥୀମାନଙ୍କୁ ପ୍ରବର୍ତ୍ତାଇଥିଲେ ।ଅପରାହ୍ନରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟମାନ ଓ କ୍ଷୁଦ୍ରନାଟକ 'ପିତାମାତାଙ୍କ ଅବଦାନ' ମଂଚସ୍ଥ ହୋଇଥିଲା ।ଶିକ୍ଷୟତ୍ରୀ ରୋଜଲିନା ବେହେରା ଅତିଥି ପରିଚୟ ସହ ମଂଚ ପରିଚାଳନା ଓ ସାଧୁବାଦ ଅର୍ପଣ କରିଥିଲେ ।

# ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ଘଟଣାରେ ଅଣ୍ଟା ଭିଡ଼ିଲେ ସାମ୍ବାଦିକ ସଂଘ

ବସ୍ତା ୮/୩(ନି.ପ୍ର): ବସ୍ତା ଥାନା ବିଦ୍ୟାଧରପୁର ବସ୍ତିରେ ଥିବା ଏକ ମସଜିଦ ରେ ସରକାରୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଯାଇଥିବା ବେଳେ ସାମ୍ବାଦିକ ଦୀନବନ୍ଧୁ ପ୍ରଧାନ ଙ୍କ ସହିତ ଅନ୍ୟ ସାମ୍ବାଦିକ ମାନଙ୍କୁ ସ୍ଥାନୀୟ ଅଞ୍ଚଳର ସଂପୃକ୍ତ କିଛି ଅସାମାଜିକ ଯୁବକ ସାମ୍ବାଦିକ କୁ ଅଶାଳୀନ ବ୍ୟବହାର ଓ ଆକ୍ରମଣ ଘଟଣାରେ ବସ୍ତା ଅଞ୍ଚଳର ସମସ୍ତ କାର୍ଯ୍ୟରତ ସାମ୍ବାଦିକମାନେ ଏକତ୍ରିତ ହୋଇଥିବା ଦେଖିବାକୁ ମିଳିଥିଲା । ଘଟଣା ର ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆମରଣ ଅନଶନ ବସିବାକୁ ଚେତାବନୀ ଦେଲେ ସାମ୍ବାଦିକ ସଂଘ ବସ୍ତା । ଆଜି ବସ୍ତା ପ୍ରେସ କ୍ଲବ ସଭାପତି ରାମଚନ୍ଦ୍ର ଦେବ, ପ୍ରେସ କ୍ଲବ ବସ୍ତା ର ସଭାପତି ବିଜୟୀ କୁମାର ଭୂୟାଁ, ସାମ୍ବାଦିକ ସଂଘ ବସ୍ତା ର ସଭାପତି ଦିନବନ୍ଧୁ ପ୍ରଧାନ ଙ୍କ ସମେତ ସମସ୍ତ ସାମ୍ବାଦିକ ଏକତ୍ରିତ ହୋଇ ଘଟଣା ର ନିନ୍ଦା ସହିତ ଦୃଢ଼




କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ଦାବିପତ୍ର ବସ୍ତା ଥାନା ଅଧିକାରୀ ଏସଡିପିଓ ବସ୍ତା, ଜିଲ୍ଲାପାଳ ବାଲେଶ୍ୱର, ଏସପି ବାଲେଶ୍ୱର ଜିଲ୍ଲା ଓ ରାଜ୍ୟ ସମ୍ବାଦିକ ସଂଘ କୁ ପ୍ରଦାନ କରାଯାଇଥିଲା । ସାମ୍ବାଦିକ ଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର ଓ ଆକ୍ରମଣ କାରୀ ଙ୍କୁ କୌଣସି ପରିସ୍ଥିତିରେ କହୋଳ ମନୋଭାବ ପୋଷଣ ନକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ରଣଜୀତ ସାହୁ ଓ ଏସଡିପିଓ ମାନସ କୁମାର ଦେଓ ପ୍ରକାଶ କରିଥିଲେ ।

# ଦୁଇ ଗାଁର ଭରସା ଗୋଟିଏ ନଳକୂପ: ଧାଡ଼ିରେ ରହୁଛି ଗରା,ବାଲ୍ଟି; ପାଳି ପଡ଼ିଲେ ମିଳୁଛି ପାଣି

ରାଜନଗର: ଦୁଇଟି ଗାଁରେ ଅଛନ୍ତି ୫୦୦ ଲୋକ। ସେମାନଙ୍କ ପାଇଁ ଅଛି ଗୋଟିଏ ନଳକୂପ। ଡହଡହ ଖରା ହେଉ କି' ମୂଷଳଧାରାରେ ବର୍ଷା; ମହିଳାମାନେ କାଦୁଅ ରାସ୍ତାରେ ଚାଲନ୍ତି। ବିପଦସଂକୁଳ ଅବସ୍ଥାର କେନାଲ ପା? ହୋଇ ପହଞ୍ଚନ୍ତି ନଳକୂପ ନିକଟରେ। ଗୋଟିଏ କିଲୋମିଟରରୁ ଅଧିକ ବାଟ ଚାଲି ନଳକୂପ ପାଖରେ ପହଞ୍ଚିବା ପରେ ବି' କମେ ନାହିଁ ଯନ୍ତ୍ରଣା। ଗରା, ବାଲ୍ ?ଟିର ଲମ୍ବା ଧାଡ଼ି ଲାଗେ; ଆଉ ପାଳି ପଡ଼ିଲେ ମିଳେ ପାଣି। ପ୍ରତିଦିନ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳେ ଉପକୂଳ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ? ଅନ୍ତର୍ଗତ ତାଳଚୁଆ ପଞ୍ଚାୟତରେ। ତାଳଚୁଆ ପଞ୍ଚାୟତ ଅଧୀନ ରାଜପାଟଣା ଗାଁରେ ବସବାସ କରନ୍ତି ୩୦ ପରିବାରର ୨୦୦ ଲୋକ। ଏହି ଗାଁର ଲୋକଙ୍କ ପାଇଁ ପିଇବା ପାଣି ଟୋପାଏର କେ?ଣସି ବ୍ୟବସ୍ଥା କରାଯାଇ ନାହିଁ। ଗାଁ ଲୋକ ପାଣି ପାଇଁ ୧ କିମି ଦୂର ଜ୍ୟୋତିପ୍ରସାଦ ଗାଁରେ ଥିବା ଏକମାତ୍ର ନଳକୂପ ଉପରେ ନିର୍ଭର କରନ୍ତି। ଜ୍ୟୋତିପ୍ରସାଦ ଗାଁରେ ରହୁଛନ୍ତି ୪୦ ପରିବାରର ୩୦୦ ଲୋକ। ଦୁଇ ଗାଁର ୫୦୦ ଲୋକ ପାଣି ପାଇଁ ସେହି ନଳକୂପ ଉପରେ ନିର୍ଭରଶୀଳ। ଫଳରେ ମହିଳାମାନଙ୍କୁ ପ୍ରତିଦିନ ପାଣି ନେବା ପାଇଁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼େ। ମହିଳାମାନେ ଗରା, ବାଲ୍ ?ଟି ଧାଡ଼ିକରି ରଖନ୍ତି। ପାଳି ପଡ଼ିଲେ ପାଣି ନେଇ ଘରକୁ ଯା'ନ୍ତି। ଗୋଟିଏ ଗରାରେ ପାଣି ନେବା ପାଇଁ ୨ରୁ ୩ ଘଣ୍ଟା ଅପେକ୍ଷା କରିବାକୁ ପଡ଼େ। ଏଭଳି ସ୍ଥିତିରେ ଜ୍ୟୋତିପ୍ରସାଦ ଗାଁର ଲୋକ ନଳକୂପରୁ ପ୍ରଥମେ ପାଣି ନେବାକୁ ଦାବି କରିବାରୁ ଅଧିକାଂଶ ସମୟରେ ବଚସା ଆରମ୍ଭ ହୋଇଯାଏ। ଅନ୍ୟପଟେ, ରାଜପାଟଣା ଗାଁର ଲୋକମାନେ ଗରାଏ ପାଣି ପାଇଁ କେନାଲ ଉପରେ ବାଉଁଶରେ ତିଆରି ବିପଦସଂକୁଳ ଚାର ଓ କାଦୁଅ ରାସ୍ତା ଦେଇ ଦୁଇ କିଲୋମିଟର ଚାଲିବା ପରେ ଘରେ ପହଞ୍ଚନ୍ତି। ସାମାନ୍ୟ ବର୍ଷା ହେଲେ କାଦୁଅପୂର୍ଣ୍ଣ ରାସ୍ତାରେ ସୁରକ୍ଷିତ ଭାବେ ଘରକୁ ଫେରିବା କଷ୍ଟସାଧ୍ୟ ହୋଇପଡ଼େ। ସ୍ୱାଧୀନତାର ୭୬ ବର୍ଷ ପରେ ଗ୍ରାମବାସୀ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେବା ଘଟଣା ଅଞ୍ଚଳର ବୁଦ୍ଧିଜୀବୀଙ୍କୁ ବ୍ୟଥିତ କରୁଛି। ଗାଁର ଆରସୁନ୍? ବିବି, ଜୁମେରା ବିବି, କ୍ଷୀରୋଜା ବିବି, ହସିନା ବିବି, ବୁଲ୍?ବୁଲ୍? ବିବି, ରେବିନା ବିବି, ଜାନେରା ବିବି କୁହନ୍ତି, ୧୫ ବର୍ଷ ଧରି ନଳକୂପ ପାଇଁ ନେହୁରା ହେଉଛୁ। କେହି ଶୁଣୁନାହାନ୍ତି। ଜ୍ୟୋତିପ୍ରସାଦ ଗାଁରୁ ଗରାଏ ପାଣି ନେଇ ଘରେ ପହଞ୍ଚିବା ବେଳକୁ ୩ ଘଣ୍ଟା ବିତିଯାଉଛି। ଗାଁରେ ନଳକୂପଟିଏ ବସୁ ନ ଥିବାରୁ ଗ୍ରାମବାସୀ ନର୍କ ଯନ୍ତ୍ରଣା ଭୋଗୁଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ସେଠୀଙ୍କୁ ପଚାରିବାରୁ ରାଜପାଟଣା ଗାଁରେ ଅଗ୍ରାଧିକାର ଭିତ୍ତିରେ ନଳକୂପ ବସାଯିବ ବୋଲି ସେ କହିଛନ୍ତି।

# ଶ୍ୟାମସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ

ବସ୍ତା୮/୩(ନି.ପ୍ର):ଅମର୍ଦାରୋଡ ନଟାକଟା ପଞ୍ଚାୟତ ସ୍ଥିତ ଶ୍ୟାମସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଧୁମଧାମ ସହିତ ପାଳନ ହୋଇଯାଇଛି ।ପ୍ରଥମେ ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ ବନଜା ମହାନ୍ତି କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପମା ଟୁଡୁଙ୍କ ସଭାପତିତ୍ୱ କରିବା ସହିତ ବାର୍ଷିକ ବୀବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ସଭାପତି ହୃଷୀକେଶ ଦେ,ମୁଖ୍ୟବକ୍ତା ଭାବେ ପରିଚାଳନା କମିଟିର ଉପସଭାପତି ସସ୍ମିତା ସେନାପତି,ସମ୍ମାନିତ ଅତିଥି ଭାବେ ୱାର୍ଡସଭ୍ୟ ପୂର୍ଣ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ୧୬ ବର୍ଷ ପରେ ବାର୍ଷିକ ଉତ୍ସବ ପାଳନ କରିଥିବାରୁ ପ୍ରଥମେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଟୁଡୁଙ୍କୁ ଭୂୟସୀ ପ୍ରଶଂସା କରିବା ସହିତ ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ ଅତିଥିଗଣ ।ତେବେ ବାର୍ଷିକ କ୍ରୀଡାରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୨୨ ଜଣ ଛାତ୍ର/ଛାତ୍ରୀଙ୍କୁ ଅତିଥିଗଣ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ ।ସୂଚନା ଥାଉକି ଯେ,ଏହି ବିଦ୍ୟାଳୟ ୨୦୦୭ ମସିହା ରେ ତତକାଳୀନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ଦ୍ୱାରା ସ୍ଥାପିତ ହୋଇ ଥିଲା ବେଳେ ୨୦୦୮ରେ ବିଦ୍ୟାଳୟ ଆରମ୍ଭ ହୋଇଥିଲା ।ଏହି ବିଦ୍ୟାଳୟର ୧୬ ବର୍ଷ ପର୍ଯ୍ୟନ୍ତ ବାର୍ଷିକ ଉତ୍ସବ ହୋଇନଥିବା ବେଳେ ଚଳିତ ବର୍ଷ ପ୍ରଥମ ବାର୍ଷିକ ଉତ୍ସବ ପାଳନ ହେଉଥିବାରୁ ଅଭିଭାବକ ଓ ଛାତ୍ର/ ଛାତ୍ରୀ ମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା ।ଏହି ଅବସରରେ 'ଶ୍ୟାମ' ପୁସ୍ତକ ଉନ୍ମୋଚନ ହୋଇଥିଲା ।ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ତାରା ରାଣୀ ମୁଖୀ, ଛାତ୍ର/ଛାତ୍ରୀ ଓ ଅଭିଭାବକ ପରିଚାଳନାରେ ସହ ଯୋଗ କରିଥିଲେ ।ଶେଷରେ ବୁଲୁ ରାଉତଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର କୁନି ଛାତ୍ର/ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ କ୍ରମ ପରିବେଷଣ ହୋଇଥିଲା ।ଛାତ୍ର/ଛାତ୍ରୀଙ୍କ ନୃତ୍ୟ ଓ ସଙ୍ଗୀତ ରେ ଅଭିଭାବକ ଛାତ୍ର/ଛାତ୍ରୀ ବେଶ ଝୁମି ଉଠିଥିଲେ।

# ଔରଆଦିତ୍ୟ ବିଦ୍ୟାମନ୍ଦିର ୬ତମ ବାର୍ଷିକ ଉତ୍ସବ

ବାଲିଅନ୍ତା: ପୁରେହିତପୁର ଗ୍ରାମ ପଂଚାୟତ ଅଧୀନସ୍ଥ ପାଣିକଟା ଗ୍ରାମ ସ୍ଥିତ ଔରଆଦିତ୍ୟ ବିଦ୍ୟାମନ୍ଦିର ୬ତମ ବାର୍ଷିକ ଉତ୍ସବ ଶନିବାର ଅପରାହ୍ନରେ ପାଳିତ ହୋଇ ଯାଇଛି । ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ଅଧକ୍ଷ ରେଣୁକା ସେଠୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ବାଲିଅନ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଜ୍ଞାପରୀମିତା ଜେନା ଯୋଗ ଦାନ କରି କୁନି କୁନି ପିଲାମାନଙ୍କୁ ବାଲ୍ୟକାଳରୁ ଅଭିଭାବକ ନୈତିକତା ଓ ସଂସ୍କାରି ଶିକ୍ଷା ଦେବାଲାଗି ପରାମର୍ଶ ଦେଇଥିଲେ । ବ୍ଲକ ଉପାଧକ୍ଷ ଇତିଶ୍ରୀ ଜେନା, ୧୭ନମ୍ବର ଜିଲ୍ଲାପରିଷଦ ସଭ୍ୟା କୁନୁମୁନ ଲେଙ୍କା ତାଙ୍କ ଅଭିଭାଷଣରେ କହିଲେ ପିଲାମାନେ ହେଉଛନ୍ତି ଓଦା କାଦୁଅ ପିଣ୍ଡୁଳା ପରି ତାଙ୍କୁ ଛୋଟବେଳୁ ଯେଉଁ ଭଳି ଗଢିତୋଳିବା ଭବିଷ୍ୟତ ସେମାନେ ସେଇଭଳି ତିଆରି ହେବେ । ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ଯୋଗଦାନ କରି ପରିବେଶ ସୁରକ୍ଷା ସମ୍ପର୍କରେ ପରାମର୍ଶ ଦେଇ ବାଡ଼ିରେ ଲଙ୍କା,




ସଜନା,ଲେମ୍ବୁ, କଦଳୀ ଓ ପିଜୁଳି ବୃକ୍ଷ ରୋପଣ କଲେ ସେଥିରୁ ଫଳ ଓ ଅମ୍ଳଜାନ ମିଳିବା ନେଇ କହିଥିଲେ । ଅନ୍ୟମାନଙ୍କ ଭିତରେ ସ୍ଥାନୀୟ ସରପଞ୍ଚ ଭଗବାନ ବେହେରା, ସମିତିସଭ୍ୟ ମନୋରଞ୍ଜନ ବେହେରା, ସମାଜସେବୀ ସନ୍ତୋଷ କୁମାର ସେନାପତି, ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଉଚ୍ଚ କୋଟୀର ନୃତ୍ୟ ଗୀତ ପରିବେଷଣ କରା ଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ମୁଦୁଲି ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁମାମାନେ, ସତ୍ୟବ୍ରତ ପ୍ରଧାନ ଓ ଥାଇ ବକ୍ସିଂ ପ୍ରଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ ।

# ଛକି ଚିହ୍ନକୁ ଛୁଇଁ ପାରିବ ତ ତୁଷୁରା ପ୍ରଶାସନ

ତୁଷୁରା, ୮/୩(ନି.ପ୍ର): ଶମ୍ଭୁପ୍ରସାଦ ସାହୁ ବଲାଙ୍ଗିର ଜିଲ୍ଲା ତୁଷୁରା ସହର ରେ ଜବର ଦଖଲ ଉଛେଦ କରାଯାଉଛି। କିଛି ଆଗରୁ ତୁଷୁରା ର ଖର୍ଡ଼ା ରାସ୍ତା ଜବରଦଖଲ ଉଚ୍ଛେଦ କରିଥିଲା ତୁଷୁରା ପ୍ରଶାସନ। ସେ ସମୟରେ ଜବର ଦଖଲ କରିଥିବା ମାଟି ଘରକୁ ମାଟିରେ ମିଶାଇ ଦେଇଥିବା ବେଳେ ପକ୍କା ଘର କୁ କୋହଳ କରାଯାଇଛି ବୋଲି ଆଲୋଚନା ହୋଇଥିଲା। ଅପରପକ୍ଷରେ ବୁଧବାର ଦିନ ମାରୱାଡି ପଡା ରାସ୍ତା ରୁ ଜବର ଦଖଲ ଉଚ୍ଛେଦ କରିବାକୁ ତୁଷୁରା ପ୍ରଶାସନ ସୂଚନା ଦେଇଛି। ଫଳରେ ବର୍ଷବର୍ଷ ଧରି ଜବର ଦଖଲ କରିଥିବା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟିହୋଇଛି ।ଏବଂ ନିଜେ ନିଜେ ମଙ୍ଗଳବାର ଦିନ ଜବର ଦଖଲ କୁ ଅଳ୍ପ ପରିମାଣ ରେ ଭାଙ୍ଗି ଥିବା ଦେଖିବାକୁ ମିଳିଛି। କିନ୍ତୁ କିଛି ଧନୀ ଲୋକଙ୍କ ପକ୍କା ଘର ମାନଙ୍କୁ ଲାଲ ଛକି ଚିହ୍ନ ଦିଆଯାଇଛି ସେଠାରେ ତୁଷୁରା ପ୍ରଶାସନ ବୋଲଡୋଜର ଲଗାଇ ଜବରଦଖଲ ଅକ୍ତିଆର କରିପାରିବତ ତୁଷୁରା ପ୍ରଶାସନ ବୋଲି ବୁଦ୍ଧିଜୀବି ମାନଙ୍କ ମଧ୍ୟରେ ଆଲୋଚନା ହେଉଛି ।

# ଭାରତୀୟ ନୂତନ ଆଇନ ପ୍ରଣୟନ ଉପରେ ଆଦର୍ଶ ଥାନାରେ ସଚେତନତା ସଭା

ଘୁ ଉଦୟଗିରି୮/୩(ନି.ପ୍ର): ସ୍ଥାନୀୟ ଆଦର୍ଶ ଥାନା ପରିସରରେ ଭାରତୀୟ ନୂତନ ଆଇନ ପ୍ରଣୟନ ବିଷୟରେ ଏକ ସଚେତନତା ସଭା ଥାନା ଭାରପ୍ରପ୍ତ ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଥାନା ଏସ୍ଆଇ ଅନନ୍ତ କୁମାର୍ ପ୍ରଧାନ ସ୍ୱାଗତ କରିଥିବା ବେଳେ ଥାନା ଅଧିକାରୀ ଗତ ବର୍ଷ ୧.୭.୨୦୨୪ ରେ ଭାରତରେ ଲାଗୁ ହୋଇଥିବା ନୂତନ ଆଇନ ଧାରା ବିଷୟରେ ଆଲୋଚନା କରିଥିଲେ । ପୂର୍ବରୁ ଥିବା ଆଇପିସି ଯାହା ଏବେ ବିଏନ୍ଏସ ହେଲା( ଭାରତୀୟ ନ୍ୟାୟ ସଂହିତା) ଓ ସି ଆର୍ ପି ସି ଥିଲା ତାହା ବିଏନଏସଏସ (ଭାରତୀୟ ନାଗରିକ ସୁରକ୍ଷା ସଂହିତା)ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ହୋଇଥିବା ବେଳେ ନୂତନ ଆଇନର ବିଭିନ୍ନ ଦିଗ ଉପରେ ଆଲୋକ ପାତ କରିଥିଲେ ।ବିଶେଷ କରି ବର୍ତମାନ ସାରା ଦେଶରେ ସାଇବର ଠକେଇ କୁ ନେଇ



ଚିନ୍ତା ବଢିଥିବା ବେଳେ ଏନେଇ ସଚେତନ ହେବା ସହ ସୋସିଆଲ ମିଡ଼ିଆ ମାଧ୍ୟମରେ ଠକେଇ ଓ ଏହା କିପରି ସୁରକ୍ଷିତ ବ୍ୟବହାର କରି ପାରିବା,ମୋବାଇଲ କିମ୍ବା ଲାପଟପ୍ ମଧ୍ୟରେ କୌଣସି ସୋସିଆଲ ମିଡ଼ିଆ କିମ୍ବା ବ୍ୟାଙ୍କିଙ୍ଗ ସୁରକ୍ଷିତ ଅନଲାଇନ ବ୍ୟବହାର, ଅନଲାଇନ ସପିଙ୍ଗ, କମ୍ପାନୀ ଡମିନ ବ୍ୟବହାର, ଏବଂ ଫ୍ରି ବ୍ୟବହାର କିମ୍ବା ପ୍ରଦାନ ଉପରେ ଗୁରୁତ୍ୱ ଦେବା ସହିତ ବ୍ୟବହାର ନ କରିବା ବିଷୟରେ ତଥ୍ୟ ରଖିଥିଲେ । ଏହି ସମସ୍ତ ବିଷୟ ଆଲୋଚନା କରି କୌଣସି ଅସୁବିଧା କିମ୍ବା ଅଭିଯୋଗ ପାଇଁ ଥାନାରେ ଲିଖିତ ଅଭିଯୋଗ କଲେ ଘଟଣା ସମ୍ପର୍କିତ ସତ୍ୟ ବିଷୟ ଆଧାର କରି ଅଭିଯୋଗ କରିବା ପାଇଁ କହିଥିଲେ । ସେହିପରି କୌଣସି କେସ ଥାନାରେ ଦାଏର ହେଲା ପରେ ସେହି କେସ ଆଧାରିତ କୌଣସି ବ୍ୟକ୍ତିଙ୍କୁ ଦୋଷୀ କୁହାଯିବ ନାହିଁ ଯେ, ପର୍ଯ୍ୟନ୍ତ ମାନ୍ୟବର କୋର୍ଟ ଦୋଷୀ ସାବ୍ୟସ୍ତ କରି ନାହାନ୍ତି । ତେବେ ଦଣ୍ଡବିଧାନ ମଧ୍ୟ ନୂତନ ନିୟମରେ ଅଧିକ କଠୋର କରାଯାଇଥିବା ବେଳେ କୌଣସି କେସ ଲଢ଼ିବା ପାଇଁ ହେଲେ ପ୍ରଥମେ ସରକାରୀ ଓକିଲଙ୍କୁ ପ୍ରାଧାନ୍ୟ ଦେବା ଓ ପରେ ବେସରକାରୀ ଓକିଲଙ୍କୁ ସୁଯୋଗ ଦେବାକୁ କହିଥିଲେ। କାର୍ଯ୍ୟକ୍ରମରେ ଏସଆଇ ରଞ୍ଜିତା ବେହେରା ପୋକ୍ସ ଆଇନ ବିଷୟରେ ନିଜ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଏସଆଇ କାମରାଜୁ ରେଡ୍ଡୀ, ବୁଲୁ ବେହେରା, ବଷ୍ଟି ଦଣ୍ଡିଆ,ରବୀନ୍ଦ୍ର ସେଠୀ, ସମେତ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରୁ ପରିଷଦ କାଉନସିଲର,ସରପଞ୍ଚ,ସାମ୍ବାଦିକ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ ।

# ଘୁଚାଗୁଡ଼ା ବିଦ୍ୟାଳୟର ବାର୍ଷିକ ଉତ୍ସବ

ସିନାପାଲି:୮/୩(ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଘୁଚାଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏନେଇ ପ୍ରଧାନ ଶିକ୍ଷକ ବଂଶୀଧର ଜଗତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସରପଂଚ ଲକ୍ଷ୍ମୀ ସା, ମୁଖ୍ୟବକ୍ତା ସିଆରସିସି ମହେଶ୍ୱର ଗୁଆଲ ଓ ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟ ହୀରାଲାଲ ତାଣ୍ଡି, ୱାର୍ଡ ସଭ୍ୟ କ୍ଷୀରସିନ୍ଧୁ ନାଏକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ପ୍ରାରମ୍ଭରେ ଶିକ୍ଷକ ରଶ୍ମିରଞ୍ଜନ ବାଗ ଅତିଥିଙ୍କୁ ସ୍ୱାଗତ କଲା ପରେ ଛାତ୍ରଛାତ୍ରୀ ମାନେ ପ୍ରାରମ୍ଭିକ ସଂଗୀତ



ଗାନ କରିଥିଲେ । ଏ ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କ?ତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଏହାକୁ ଶିକ୍ଷକ ପୂର୍ଣ୍ଣଚଂଦ୍ର ହଂସ ପରିଚାଳନା କରିଥିଲେ । ଏହା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଦିବାକର ଶଗଡ଼ିଆ ଧନ୍ୟବାଦ ଦେଇଥିଲେ ।

# କଥା ଦେଇ କଥା ରଖିଲେ ରାଜ୍ୟସଭା ସାଂସଦ ସୁଜିତ କୁମାର : ଲାଞ୍ଜିଗଡ ଓ କେସିଙ୍ଗା ପାଇଁ ଦୁଇଟି ଆମ୍ବୁଲାନ୍ସ ଲୋକାର୍ପିତ

ଭବାନୀପାଟଣା, ୮/୩(ନି.ପ୍ର): କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ପ୍ରଦତ୍ତ ପାଣ୍ଠିରୁ ଦୁଇଗୋଟି ଆମ୍ବୁଲାନ୍ସର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଂସଦ ଶ୍ରୀ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଲୋକାର୍ପିତ ଦୁଇଗୋଟି ଆମ୍ବୁଲାନ୍ସ ମଧ୍ୟରୁ ଗୋଟିଏ ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକ ଓ ଅନ୍ୟଟି କେସିଙ୍ଗା ବ୍ଲକର ଜନସାଧାରଣଙ୍କୁ ସେବା ଯୋଗାଇବ। ଆଜିର ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଯୋଜନା ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ସାଂସଦ ଶ୍ରୀ କୁମାର ଦୁଇଟି ଆମ୍ବୁଲାନ୍ସ ପାଇଁ ନିଜ ପାଣ୍ଠିରୁ ୧୮ ଲକ୍ଷ ଟଙ୍କା ମଞ୍ଜୁର କରିଥିବାବେଳେ ବିଭିନ୍ନ ଆଳ ଦେଖାଇ ସ୍ୱାସ୍ଥ୍ୟ ବିଭାଗ ଦୀର୍ଘ ଦୁଇବର୍ଷ ପର୍ଯ୍ୟନ୍ତ ଅର୍ଥରାଶିକୁ ପକାଇ ରଖିଥିଲା। ଏହି ସମୟରେ ଗତ ନଭେମ୍ବର ମାସରେ ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁମଖାଲ ପଞ୍ଚାୟତ ପୁନିଗୁଡ଼ାର ଜଣେ ନାବାଳିକା ଚିକିତ୍ସାଧୀନ ଭାବେ ମୃତ୍ୟୁବରଣ କରିବା ଓ ଆମ୍ବୁଲାନ୍ସ ଅଭାବରୁ ବାଇକରେ ଶବ ବୁହାହେବା ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରିକି ଅଗ୍ରଣୀ



ସାମ୍ବାଦିକ ସଂଗଠନ ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି ସୁଶୀଳ କୁମାର ବାଗଙ୍କ ନେତୃତ୍ୱରେ ଲାଞ୍ଜିଗଡ ବ୍ଲକ ସାମ୍ବାଦିକ ସମୂହ ପକ୍ଷରୁ ଖର୍ଚ୍ଚ ନହୋଇ ପଡ଼ି ରହିଥିବା ସାଂସଦ ପାଣ୍ଠି ବିନିଯୋଗ କରି ଆମ୍ବୁଲାନ୍ସ କିଣାନଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏନେଇ ତାଙ୍କ ନେତୃତ୍ୱରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ସାମ୍ବାଦିକ ସମୂହ ପକ୍ଷରୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସରଙ୍କ ଜରିଆରେ ଏକ ଦାବିପତ୍ର ଦିଆଯାଇଥିଲା। ଏହାପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଚେତା ପଶିବା ସହିତ ଏ ଦିଗରେ ତତ୍ପରତା ପ୍ରକାଶ ପାଇଥିଲା। ସାମ୍ବାଦିକ ସମୂହ ଏବଂ ସାଂସଦ ପ୍ରତିନିଧିଙ୍କ ଉପସ୍ଥିତିରେ ଗତ ନଭେମ୍ବର ୧୯ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ଏକ ବୈଠକ ଡକାଇ ଏହାର ସମାଧାନ ପାଇଁ ଆଲୋଚନା କରିଥିଲା। ଉକ୍ତ ବୈଠକର ନିଷ୍ପତ୍ତି ପରେ ଆମ୍ବୁଲାନ୍ସ କିଣାଯାଇ ଆଜି ଲୋକାର୍ପିତ କରାଯାଇଛି। ଏହାକୁ ନେଇ ଉଭୟ ଲାଞ୍ଜିଗଡ ଓ କେସିଙ୍ଗା ଅଞ୍ଚଳର ଲୋକେ ଖୁସି ବ୍ୟକ୍ତ କରିଥିବାବେଳେ ଲାଞ୍ଜିଗଡ ବ୍ଲକ ସାମ୍ବାଦିକ ସମୂହର ଉଦ୍ୟମକୁ ପ୍ରଶଂସା କରିଛନ୍ତି।

# ସାଇବର ଠକେଇ: ଚାକିରି ଆଶାୟୀଙ୍କୁ ସତର୍କ କଲ ଓପିଏସସି

କଟକ:,୮୭/୩(ନି.ପ୍ର):ସାଇବର ଠକେଇର ବଢୁଥିବା ମାମଲା ମଧ୍ୟରେ, ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପ୍ରସାରିତ ହେଉଥିବା ନକଲି ଲିଙ୍କ୍ ବିଷୟରେ ଚାକିରି ଆଶାୟୀମାନଙ୍କୁ ସତର୍କ କରାଯାଇଛି। ଓପିଏସସି ନାମରେ ନିଯୁକ୍ତି ପାଇଁ କିଛି ନକଲି ବିଜ୍ଞାପନ ଏବଂ ଆବେଦନ ଫି ଜମା ପାଇଁ ଲିଙ୍କ୍ ସୋସିଆଲ ମିଡିଆରେ ପ୍ରଦାନ କରାଯାଉଥିବା କମିସନଙ୍କ ଦୃଷ୍ଟିକୁ ଆସିବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ନିରୀହ ପ୍ରାର୍ଥୀଙ୍କୁ ବିଭ୍ରାନ୍ତ କରିପାରେ। ସେମାନେ ଠକେଇରେ ପଡ଼ିପାରନ୍ତି ବୋଲି ଓପିଏସସି ପକ୍ଷରୁ କୁହାଯାଇଛି। ଓପିଏସସି ପକ୍ଷରୁ ସମସ୍ତ ପ୍ରାର୍ଥୀଙ୍କୁ ଅବଗତ କରାଇଛି ଯେ, ସରକାର ଜିଏ ଏବଂ ପିଜି ବିଭାଗ ସମସ୍ତ ବର୍ଗର ପ୍ରାର୍ଥୀଙ୍କ ପାଇଁ ଫି ଛାଡ଼ କରିଛନ୍ତି ଏବଂ ଓପିଏସସି ଇ-ଚାଲାଣ (ଅନଲାଇନ୍ ଆବେଦନ ପୋର୍ଟାଲ୍) ରେ ଏହାକୁ ଗ୍ରହଣ କରିବାର କୌଣସି ବ୍ୟବସ୍ଥା ନାହିଁ। ତେଣୁ, ପ୍ରାର୍ଥୀମାନଙ୍କୁ ସୋସିଆଲ ମିଡିଆରେ ପ୍ରକାଶିତ ଏପରି ବିଭ୍ରାନ୍ତିକର ବିଜ୍ଞାପନ ଅନୁସରଣ ନକରିବାକୁ ପରାମର୍ଶ ଦିଆଯାଇଛି।

# ତାରାତାରିଣୀଙ୍କ ଚୈତ୍ର ଯାତ୍ରା ଲାଗି ପ୍ରଶାସନର ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ

ପୁରୁଷୋତ୍ତମପୁର: ଗଞ୍ଜାମ ଜିଲାର ପ୍ରସିଦ୍ଧ ଇଷ୍ଟଦେବୀ ମା ତାରାତାରିଣୀଙ୍କ ହେବାକୁ ଥିବା ଚୈତ୍ର ଯାତ୍ରା କିଭଳି ସୁରୁଖୁରୁରେ ହେବ ସେଥିନେଇ ଏକ ପ୍ରଶାସନ ପକ୍ଷରୁ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ତତ୍ତ୍ୱବଧାନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ଦୁଇ ଜଣ ମନ୍ତ୍ରୀ , ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା , ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନ୍ଦ ମଲ୍ଲିକ କବିସୂର୍ଯ୍ୟନଗର ବିଧାୟକ ପ୍ରତାପଚନ୍ଦ୍ର ନାୟକ , ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ,ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର, ପୁରୁଷୋତ୍ତମପୁର ବିଡିଓ ଶରତକୁମାର ପାତ୍ର ,ଏନଏସି ନିର୍ବାହି ଅଧିକାରୀ ତଥା ତହସିଲଦାର ଗୋବିନ୍ଦ ଡନସେନା ଯୋଗ ଦେଇ ପ୍ରଶାସନିକ ଅଧିକାରୀ ଓ ମନ୍ଦିର ପରିଚାଳନା କମିଟି ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହା ସହ ଚଳିତ ଥର ମା'ଙ୍କ ପୀଠରେ ଚାରିଗୋଟି ମଙ୍ଗବାରରେ ଯାତ୍ରା ଅନୁଷ୍ଠିତ ହେବ। ଆଗକୁ ପ୍ରବଳ ଗ୍ରୀଷ୍ମ ପ୍ରବାହର ଆଶଙ୍କା ରହିଥିବା ସହ ଯାତ୍ରା ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବେ । ଏଥିଲାଗି କିଭଳି ସମସ୍ତ ଭକ୍ତ ସୁବିଧା ଓ ଶାନ୍ତି ଶୃଙ୍ଖଳାର ସହ ମାଙ୍କ ଦର୍ଶନକରିବେ ସେଥିନେଇ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବା ସକାଶେ ଆଲୋଚନା ହୋଇଥିଲା। ବିଶେଷକରି ଅପରାଧ ନିୟନ୍ତ୍ରଣ ଲାଗି ଯାତ୍ରାସମୟରେ ସମ୍ପୂର୍ଣ୍ଣରୂପେ ମଦ ବନ୍ଦକରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଭକ୍ତଙ୍କ ସୁବିଧାଲାଗି ୪୦ ଗୋଟି ସ୍ୱତନ୍ତ୍ର ବସକୁ ନିୟୋଜିତ କରିବା ସହ ବସର ଭଡାକୁ ବୃଦ୍ଧି ନ କରି ୩୦ ଟଙ୍କା ଭଡାରଖିବା, ଅଂଶୁଘାତକୁ ମୁକାବିଲା ଲାଗି ସ୍ୱତନ୍ତ୍ର ଏସି ରୁମର ବ୍ୟବସ୍ଥା କରିବା, ଭକ୍ତଙ୍କ ଲାଗି ପ୍ରସାଦର ସେବନର ବ୍ୟବସ୍ଥା କରିବା, ପାନୀୟଜଳ ଓ ଆଲୋକିକରଣ, ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ଆଦି ବିଭିନ୍ନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ ସେବାୟତ ମାନେ ଯୋଗ ଦେଇଥିଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ